ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK
पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.24 . No.268 Bhubaneswar Wednesday, December 15, 2021 | ୨୪ତମ ବର୍ଷ ସଂଖ୍ୟା-୨୬୮ ଭୁବନେଶ୍ୱର, ବୁଧବାର, ଡିସେମ୍ବର ୧୫, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

# ସମାଜସେବୀ ଭଗବାନ କରଙ୍କ ସ୍ମୃତି ଚାରଣ ସଭା








ଦାନଗଡି/କଳିଙ୍ଗନଗର, ୧୩।୧୨(ପି.ଏନ): ଦାନଗଡି ଅଞ୍ଚଳର ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ଭଗବାନ କରଙ୍କ ଏକାଦଶାହ ଅବସରରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ସ୍ୱର୍ଗତ କରଙ୍କ ସ୍ମୃତି ଚାରଣ କରିଥିଲେ।ବାର୍ଦ୍ଧକ୍ୟ ମଧ୍ୟ ସ୍ୱର୍ଗତ କରଙ୍କ ନିକଟରେ ହାର ମାନିଥିଲା। ସର୍ବଦା ଚଳଚଞ୍ଚଳ ଥିବା ସ୍ୱର୍ଗତ କର କାହାରି ଅସୁବିଧା ସମୟରେ ଆଗୁଆ ବାହାରି ପଡୁଥିଲେ। ତାଙ୍କ ବିୟୋଗ ସମସ୍ତଙ୍କୁ ସ୍ତବ୍ଧ କରି ଦେଇଛି ବୋଲି ସ୍ମୃତି ଚାରଣ ଅବସରରେ ମତ ପ୍ରକାଶ ପାଇଥିଲା। ଏହି ସଭାରେ ପୂର୍ବତନ ଅର୍ଥ ମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ, ବିଶିଷ୍ଟ ସମାଜସେବୀ ମଦନ ମୋହନ ନାୟକ, ସ୍ଥାନୀୟ ସରପଞ୍ଚ କାହ୍ନୁଚରଣ ଦାସ, ପବିତ୍ର ମୋହନ ସାମନ୍ତରାୟଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଓମିକ୍ରନରୁ ସୁରକ୍ଷା ଦେବ କୋଭିଡ୍ ଟିକା

ଭୁବନେଶ୍ୱର, ୧୪।୧୨(ପି.ଏନ): କୋଭିଡ୍ ଟିକା ଓମିକ୍ରନରୁ ସୁରକ୍ଷା ଦେବ । ଏଣୁ ସମସ୍ତଙ୍କୁ ଯଥାଶୀଘ୍ର ଟିକା ନେବାକୁ ଅନୁରୋଧ କରିଛନ୍ତି ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ବିଜୟ ପାଣିଗ୍ରାହୀ। ସେ କହିଛନ୍ତି, କୋଭିଡ୍ ଟିକା ଶତ ପ୍ରତିଶତ ନ ହେଲେ ବି ଓମିକ୍ରନରୁ କିଛିଟା ସୁରକ୍ଷା ଦେବ। ଟିକା ନେଲେ ଗୁରୁତର ହେବା, ହସ୍ପିଟାଲାଇଜ ହେବା ଏବଂ ମୃତ୍ୟୁମୁଖରେ ପଡ଼ିବାର ଆଶଙ୍କା କମ ରହିବ। ଲୋକଙ୍କୁ ଟିକା ନେବା ପାଇଁ ପ୍ରୋତ୍ସାହିତ କରିବାକୁ ପ୍ରତି ଗାଁରେ ଥିବା ସାମାଜିକ କର୍ମୀମାନଙ୍କୁ ସ୍ୱାସ୍ଥ୍ୟ ବିଭାଗ ଅନୁରୋଧ କରିଛି। ଅନ୍ୟ ରାଜ୍ୟରେ ଓମିକ୍ରନ ଚିହ୍ନଟ ହେବା ସହ ସଂକ୍ରମଣ ବଢୁଛି। ତେଣୁ ଯଥାଶୀଘ୍ର ଟିକା ନେବାକୁ ପଡ଼ିବ। ସମସ୍ତ ଜିଲ୍ଲାରେ ଟାସ୍କ ଫୋର୍ସ ଅଛି। କେଉଁ ବ୍ଲକରେ ଲୋକ ଟିକା ନେଇନାହାନ୍ତି ସେମାନେ ଅନୁଧ୍ୟାନ କରୁଛନ୍ତି । ସିଡିଏମଓମାନଙ୍କୁ ମଧ୍ୟ ଗାଁଗୁଡ଼ିକରେ ଟିକା ନେଇନଥିବା ଲୋକଙ୍କୁ ଚିହ୍ନଟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯଦି କୌଣସି ଗାଁରେ କିଛି ଲୋକ ଟିକା ନେଇ ନାହାନ୍ତି, ତାହେଲେ ସେମାନେ ସଂକ୍ରମିତ ହେବେ ଏବଂ ଅନ୍ୟମାନଙ୍କୁ ମଧ୍ୟ ସଂକ୍ରମିତ କରିବେ। ଏଯାଏଁ ୪ କୋଟି ୬୨ ଲକ୍ଷ ଡୋଜ୍ ଦିଆ ସରିଲାଣି। ୮୭.୪ ପ୍ରଥମ ଡୋଜ୍ ଦିଆସରିଛି। ଏବେ ବି ପ୍ରାୟ ୪୦ ଲକ୍ଷରୁ ଅଧିକ ଲୋକ ଟିକା ନେଇନାହାନ୍ତି।

## ରାଜ୍ୟରେ ଖୋଲିବ ୧୧ଟି ସାଇବର ଓ ଅର୍ଥନୈତିକ ଅପରାଧ ଥାନା

ଭୁବନେଶ୍ୱର, ୧୪।୧୨(ପି.ଏନ): ସାଇବର ଅପରାଧ ତଥା ତଦ୍ ଜନିତ ଆର୍ଥିକ ଅପରାଧକୁ ରୋକିବା ତଥା ଏଭଳି ଅପରାଧର ଶିକାର ହୋଇଥିବା ଲୋକମାନେ ଯେପରି ଉପଯୁକ୍ତ ନ୍ୟାୟ ପାଇପାରିବେ, ତାକୁ ଦୃଷ୍ଟିରେ ରଖି ରାଜ୍ୟର ବିଭିନ୍ନ ଅଂଚଳରେ ଏଥିପାଇଁ ୧୧ଟି ସ୍ୱତନ୍ତ୍ର ଥାନା ଖୋଲାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି ।

## ଗୋଟିଏ ଦିନରେ ୧୭୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୪।୧୨(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୭୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୫୧୯୨୭ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୩୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୪୧ ହଜାର ୫୩୬ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୯୦୧ ରହିଛି । ଆଜି ଚିହ୍ନଟ ହୋଇଥିବା ୧୭୫ ଜଣଙ୍କ ମଧ୍ୟରୁ ୧୦୧ ଜଣ ସଂଗରୋଧରୁ ହୋଇଥିବା ବେଳେ ୭୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୭ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୮୨ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବାଲେଶ୍ୱର ଜିଲ୍ଲାରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ, ଭଦ୍ରକ, ବଲାଙ୍ଗୀର ଏବଂ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୧୨ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଗଜପତି ଜିଲ୍ଲାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଂଜାମ ଜିଲ୍ଲାରେ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଜଗତସିଂହପୁର ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଯାଜପୁରରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ାରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।ଖୋର୍ଦ୍ଧାରୁ ୮୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଓ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ନୟାଗଡ ଜିଲ୍ଲାରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀ ଜିଲ୍ଲାରୁ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସମ୍ବଲପୁରରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୁନ୍ଦରଗଡ଼ରୁ ୧୧ ଜଣ ଓ ଷ୍ଟେଟ୍ ପୁଲରୁ ୧୯ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ନୟାଗଡ ଓ ଜଗତସିଂହପୁର ସହ ସ୍ମାର୍ଟ ହେଲଥ୍ କାର୍ଡରେ ଯୋଡିହେଲା ରାଜ୍ୟର ୨୮ଟି ଜିଲ୍ଲା

ଭୁବନେଶ୍ୱର, ୧୪।୧୨(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ନୟାଗଡ ଓ ଜଗତସିଂହପୁର ଜିଲ୍ଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଂଟନର ଶୁଭାରମ୍ଭ କରିଛନ୍ତି। ନୟାଗଡର ୭.୭୦ ଲକ୍ଷ ଲୋକ ଏହି ସୁବିଧା ପାଇବା ବେଳେ ଜଗତସିଂହପୁରର ପ୍ରାୟ ୯ ଲକ୍ଷ ଲୋକ ସ୍ମାର୍ଟ କାର୍ଡ ପାଇବେ। ଏହାସହିତ ରାଜ୍ୟର ୨୮ଟି ଜିଲ୍ଲାର ଜନସାଧାରଣ ଏହି କାର୍ଯ୍ୟକ୍ରମରେ ସାମିଲ ହେଲେ । ଏହି ଅବସରରେ ଉଭୟ ଜିଲ୍ଲାରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ ହେଲ୍‌ଥ କାର୍ଡ ରାଜ୍ୟର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ରୂପାନ୍ତର ଆଣିପାରିବ। ଏହାଦ୍ୱାରା ଗରିବ ଲୋକମାନେ ପ୍ରକୃତରେ ସଶକ୍ତ ହୋଇପାରିବେ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ମୁଖ୍ୟମନ୍ତ୍ରୀ ନୟାଗଡ ଜିଲ୍ଲାରେ ୧୦୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ନୟାଗଡ ମାଟିର ଗୌରବ ପ୍ରସିଦ୍ଧ ଜ୍ୟୋତିର୍ବିଜ୍ଞାନୀ ପଠାଣୀ ସାମନ୍ତ ତଥା ସଂଗ୍ରାମୀ, ଶହୀଦ ରଘୁ ଦିବାକରଙ୍କୁ ସ୍ମରଣ କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ନୟାଗଡରେ ୧୦୦୦ କୋଟି ଟଙ୍କା ବିନିଯୋଗରେ ଏକ ମେଗା ପାଇପ ପାଣି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ ଏବଂ ଏହାଦ୍ୱାରା ଜିଲ୍ଲାର ୮ ଲକ୍ଷ ଲୋକ ଭଲ ପିଇବା ପାଣି ପାଇପାରିବେ । ନୟାଗଡର ମିଶନ ଶକ୍ତିର ମା ମାନଙ୍କୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସେମାନଙ୍କ ବିଜିନେସ୍ ରେ ସୁବିଧା ପାଇଁ ୧୬୪ କୋଟି ଟଙ୍କାର ଋଣ ଯୋଗାଇ ଦିଆଯାଇଛି । ସେହିପରି ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ମଧ୍ୟ ଜିଲ୍ଲାରେ ଭଲ କାମ ହେଉଛି ବୋଲି କହିଥିଲେ। ସେହିପରି ଜଗତସିଂହପୁରରେ ଅଧିଷ୍ଠାତ୍ରୀ ଦେବୀ ମା ସାରଳାଙ୍କୁ ପ୍ରଣାମ ଜଣାଇ ମୁଖ୍ୟମନ୍ତ୍ରୀ ଜିଲ୍ଲା ପାଇଁ ୮୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ । ଜିଲ୍ଲାର ଗ୍ରାମାଂଚଳରେ ପାଇପ ପାଣିର ସୁବିଧା ପାଇଁ ଏକ ବୃହତ ପାଇପ ପାଣି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜଗତସିଂହପୁର ଜିଲ୍ଲା ରାଜ୍ୟର ଏକ ଆଗୁଆ ଜିଲ୍ଲା ଏବଂ ଏହା କୃଷି, ଶିଳ୍ପ ସବୁ କ୍ଷେତ୍ରରେ ଉନ୍ନତ । ଅନେକ ସରକାରୀ ଯୋଜନା ଏଠାରେ ସଫଳ ଭାବରେ କାର୍ଯ୍ୟକାରୀ ହେଉଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମିଶନ ଶକ୍ତି ଓ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଜିଲ୍ଲାରେ ବହୁତ ଭଲ କାମ ହେଉଛି ।

ଏହି କାର୍ଯ୍ୟକ୍ରମରେ ନୟାଗଡରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବକିଶୋର ଦାସ, ଯୋଜନା ଓ ସଂଯୋଜନ ମନ୍ତ୍ରୀ ପଦ୍ମନାଭ ବେହେରା, କୃଷି ମନ୍ତ୍ରୀ ଡଃ ଅରୁଣ ସାହୁ ପ୍ରମୁଖ ଯୋଗ ଦେଇଥିବା ବେଳେ ଜଗତସିଂହପୁରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ, ଜଳସଂପଦ ଏବଂ ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ଜଗତସିଂହପୁର ସାଂସଦ ଶ୍ରୀମତୀ ରାଜଶ୍ରୀ ମଲ୍ଲିକ, ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦୃଢ ନେତୃତ୍ୱ ଓ ଦୂରଦର୍ଶୀ କାର୍ଯ୍ୟକ୍ରମ ଯୋଗୁ ଓଡିଶା ଆଜି ବିଭିନ୍ନ କ୍ଷେତ୍ରରେ ଅନ୍ୟ ରାଜ୍ୟ ମାନଙ୍କ ପାଇଁ ଆଦର୍ଶ ସୃଷ୍ଟି କରିପାରିଛି ବୋଲି ସେମାନେ କହିଥିଲେ। ସ୍ୱାସ୍ଥ୍ୟ ଠାରୁ ଆରମ୍ଭ କରି ଶିକ୍ଷା, ଭିତିଭୂମି ଓ ଶିଳ୍ପ କ୍ଷେତ୍ରରେ ଓଡିଶା ଆଜି ଏକ ଆଗୁଆ ରାଜ୍ୟ ଭାବରେ ଦେଶରେ ଆଦର୍ଶ ସୃଷ୍ଟି କରିପାରିଛି ବୋଲି ସେମାନେ ମତବ୍ୟକ୍ତ କରିଥିଲେ ।

## ଟାଇମ୍‌ସ ଆୱାର୍ଡ୍‌ସ ଏସିଆ ୨୦୨୧ ପୁରସ୍କାର : କିଟ୍‌କୁ ଲିଡରସିପ୍ ଆଣ୍ଡ ମ୍ୟାନେଜମେଣ୍ଟ ଟିମ୍ ଅଫ୍ ଦି ଇଅର ପୁରସ୍କାର

ଭୁବନେଶ୍ୱର, ୧୪।୧୨(ପି.ଏନ): ବିଶ୍ୱସ୍ତରରେ କିଟ୍ ବିଶ୍ୱବିଦ୍ୟାଳୟକୁ ମିଳିଛି ଆଉ ଏକ ସମ୍ମାନଜନକ ପୁରସ୍କାର। ମଙ୍ଗଳବାର ଟାଇମ୍‌ସ ହାଇଅର୍ ଏଜୁକେସନ୍ ପକ୍ଷରୁ 'ଆୱାର୍ଡ୍‌ସ ଏସିଆ ୨୦୨୧' ପୁରସ୍କାର ଘୋଷଣା କରାଯାଇଥିବା ବେଳେ ସମଗ୍ର ଭାରତ ତଥା ଏସିଆରେ ଏକମାତ୍ର ଅନୁଷ୍ଠାନ ଭାବେ କିଟ୍ ବିଶ୍ୱବିଦ୍ୟାଳୟ ଏହି ଗୌରବର ଅଧିକାରୀ ହୋଇଛି। ଟାଇମ୍‌ସ ହାଇଅର ଏଜୁକେସନ୍ ପକ୍ଷରୁ କିଟ୍ ବିଶ୍ୱବିଦ୍ୟାଳୟକୁ 'ଲିଡରସିପ୍ ଆଣ୍ଡ ମ୍ୟାନେଜମେଣ୍ଟ ଟିମ୍ ଅଫ୍ ଦି ଇଅର୍' ଭାବେ ପୁରସ୍କୃତ କରାଯାଇଛି। ଲଗାତାର ଦ୍ୱିତୀୟ ବର୍ଷ ପାଇଁ କିଟ୍ ବିଶ୍ୱବିଦ୍ୟାଳୟ ଟାଇମ୍‌ସ ଆୱାର୍ଡ୍‌ସ ଏସିଆ ପୁରସ୍କାର ପାଇବାର ଗୌରବ ଅର୍ଜନ କରିଛି। ଗତବର୍ଷ ଟାଇମ୍‌ସ ହାଇଅର ଏଜୁକେସନ୍ ପକ୍ଷରୁ କିଟ୍ ବିଶ୍ୱବିଦ୍ୟାଳୟକୁ 'ୱାର୍କପ୍ଲେସ୍ ଅଫ୍ ଦି ଇଅର' (ବର୍ଷର ଶ୍ରେଷ୍ଠ କାର୍ଯ୍ୟସ୍ଥଳ) କ୍ୟାଟେଗୋରୀରେ ପୁରସ୍କାର ପ୍ରଦାନ କରାଯାଇଥିଲା। ଯେ କୌଣସି ଆପତକାଳୀନ ପରିସ୍ଥିତିର ସମ୍ମୁଖୀନ କରିବା, ଅପହଞ୍ଚଙ୍କ ନିକଟରେ



ପହଞ୍ଚିବା ଏବଂ ସମାଜସେବା ବିଶେଷ କରି କୋଭିଡ୍ ମହାମାରୀ ସମୟରେ କୋଭିଡ୍ ଡାକ୍ତରଖାନା ପ୍ରତିଷ୍ଠା, ସାଧାରଣ ଜନତାଙ୍କୁ ମାସ୍କ, ସାନିଟାଇଜର, ଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ବଣ୍ଟନ, ଓଡ଼ିଶାରେ କୋଭିଡ୍‌ରେ ମୃତ୍ୟୁବରଣ କରିଥିବା ଲୋକଙ୍କ ପିଲାଙ୍କୁ ମାଗଣାରେ କିଟ୍‌ରେ ଉଚ୍ଚଶିକ୍ଷା ପ୍ରଦାନ କରିବା, କୋଭିଡ୍‌ରେ ଉଭୟ ବାପା ଓ ମାଆଙ୍କୁ ହରାଇ ଅନାଥ ହୋଇଥିବା ପିଲାଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିବା ଆଦି କାର୍ଯ୍ୟକୁ ଦେଖି ଚଳିତବର୍ଷ ଟାଇମ୍‌ସ ହାଇଅର ଏଜୁକେସନ୍ ପକ୍ଷରୁ କିଟ୍ ବିଶ୍ୱବିଦ୍ୟାଳୟକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। କିଟ୍ ବିଶ୍ୱବିଦ୍ୟାଳୟକୁ ଏହି ପୁରସ୍କାର ମିଳିବା ପରେ କିଟ୍ ଓ କିସ୍‌ର ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ଶୁଭେଚ୍ଛୁଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଏଥିପାଇଁ ସେମାନେ ସମସ୍ତ ଶ୍ରେୟ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ପ୍ରଦାନ କରିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟକୁ ଏହି ସମ୍ମାନଜନକ ପୁରସ୍କାର ମିଳିବା ପରେ ଏଥିରେ ଖୁସି ବ୍ୟକ୍ତ କରିବା ସହ ପ୍ରତିଷ୍ଠାତା ଶ୍ରୀ ସାମନ୍ତ କହିଛନ୍ତି ସମଗ୍ର ଏସିଆ ମହାଦେଶରୁ କିଟ୍ ଏକ ମାତ୍ର ବିଶ୍ୱବିଦ୍ୟାଳୟ ଭାବେ ଏହି ପୁରସ୍କାର ପାଇଥିବାରୁ ଏହା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ। ଏହି ପରିପ୍ରେକ୍ଷୀରେ ଶ୍ରୀ ସାମନ୍ତ କିଟ୍ ଓ କିସ୍‌ର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ପାଇଁ ଏ ସବୁ ସମ୍ଭବ ହୋଇ ପାରିଲା ବୋଲି କହିଛନ୍ତି।

## କଂଗ୍ରେସ ଭବନରେ ପଶି ପୋଲିସର ମାଡ ପ୍ରତିବାଦରେ ଭୁବନେଶ୍ୱର ଓ କଟକ ଡିସିପି କାର୍ଯ୍ୟାଳୟ ଘେରିଲା କଂଗ୍ରେସ

ଭୁବନେଶ୍ୱର, ୧୪।୧୨(ପି.ଏନ): ମମିତା ମେହେର ମାମଲାରେ ଆନ୍ଦୋଳନ ବେଳେ କଂଗ୍ରେସଭବନ ମଧ୍ୟରେ ପ୍ରବେଶ କରି ପୋଲିସ ମାଡ ମାରିବା ପ୍ରତିବାଦରେ ଆଜି ଭୁବନେଶ୍ୱର ଓ କଟକ ଡିସିପି କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଛି। ଭୁବନେଶ୍ୱରରେ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ, ଛାତ୍ର କଂଗ୍ରେସ ସଭାପତି ଓ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ପ୍ରମୁଖଙ୍କ ସମେତ ବହୁ ନେତା ଓ କର୍ମୀ ଧାରଣାରେ ବସିଥିବା ଦେଖିବାକୁ ମିଳିଛି । ସେହିପରି ରାଜ୍ୟର ସମସ୍ତ ଏସପି ଅଫିସ ସାମନାରେ ମଧ୍ୟ କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଥିବା ନେଇ ପିସିସି ପକ୍ଷରୁ ସୂଚନା ଦିଆଯାଇଛି । ଏହି ଧାରଣାରେ ଯୋଗଦେଇ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ କହିଥିଲେ ଯେ ଆନ୍ଦୋଳନର ଛାତ୍ର କଂଗ୍ରେସ କର୍ମୀଙ୍କୁ କଂଗ୍ରେସ ଭବନ ପରିସରରେ ପୋଲିସ୍‌ର ଅମାନୁଷିକ ଓ ବର୍ବରୋଚିତ ଆକ୍ରମଣ ନିନ୍ଦନୀୟ ଏବଂ ଡିସିପି ଏହି ବିଷୟରେ ଅବଗତ ନୁହଁନ୍ତି ବୋଲି ମନ୍ତବ୍ୟ ଦେବା ଲଜ୍ଜାଜନକ ବିଷୟ। ସେହିପରି ଧାରଣାରେ ଯୋଗ ଦେଇଥିବା ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ବିଧାୟକ ସୁରେଶ କୁମାର ରାଉତରାୟ, ଉପସଭାପତି ଶିବାନନ୍ଦ ରାୟ, ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜ୍, ସାଧାରଣ ସମ୍ପାଦକ କିଶୋର ଜେନା, ମନୋରଞ୍ଜନ ଦାଶ, ମନୋଜ ବିଶ୍ୱାଳ, ରଶ୍ମି ମହାପାତ୍ର, ନିହାର ରଞ୍ଜନ ବେହେରା, ପ୍ରଭାବତୀ ପଟ୍ଟନାୟକ ପ୍ରମୁଖ ତାଙ୍କ ଭାଷଣରେ ବିଜେଡି ସରକାର ଓ ପୋଲିସ୍ ପ୍ରଶାସନକୁ ଦୃଢ଼ ନିନ୍ଦା ଓ ଭର୍ତ୍ସନା କରିଥିଲେ। ଏହି ଧାରଣା ଓ ବିକ୍ଷୋଭ କାର୍ଯ୍ୟକ୍ରମ ସକାଳ ୯ଟାରୁ ଆରମ୍ଭ ହୋଇ ମଧ୍ୟାହ୍ନ ୧ଟାରେ ଶେଷ ହୋଇଥିଲା। ପରେ ଜିଲ୍ଲା କଂଗ୍ରେସର ଏକ ୧୧ ଜଣିଆ ପ୍ରତିନିଧି ଦଳ ଡିସିପିଙ୍କୁ ଭେଟି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୪ ଦଫା ଦାବିପତ୍ର ପ୍ରଦାନ କରିଥିଲେ।

## ସଂଜୟ ଦାସବର୍ମାଙ୍କୁ ଯୋଜନା ବୋର୍ଡ ଉପାଧ୍ୟକ୍ଷ ପଦରୁ ହଟାଯାଉ :ବିଜେପି

ଭୁବନେଶ୍ୱର, ୧୪।୧୨(ପି.ଏନ): ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ତଥା ବିଜୁ ଜନତା ଦଳର ରାଜ୍ୟ କାର୍ଯ୍ୟାଳୟ ସଂପାଦକ ତଥା ପୂର୍ବତନ ମନ୍ତ୍ରୀ ସଂଜୟ ଦାସବର୍ମାଙ୍କ ବ୍ୟକ୍ତିଗତ ସହାୟକ ଚିତରଂଜନ ପଲେଇ ହତ୍ୟା ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛି ରାଜ୍ୟ ବିଜେପି। ଏଥିପାଇଁ ସର୍ବପ୍ରଥମେ ସଂଜୟ ଦାସବର୍ମାଙ୍କୁ ଯୋଜନା ବୋର୍ଡ ଉପାଧ୍ୟକ୍ଷ ପଦରୁ ହଟାଯାଉ ବୋଲି ଦାବି କରିଛନ୍ତି ରାଜ୍ୟ ଉପସଭାପତି ତଥା ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର। ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଚିତରଂଜନଙ୍କ ମୃତ ଦେହ ଗତ କାଲି ପୁରୀ ସଦର ଭାର୍ଗବୀ ନଦୀର ନୁଆନଇ କୂଳରୁ ଉଦ୍ଧାର ହୋଇଛି । ମୃତ ଦେହ ଉଦ୍ଧାର ସମୟରେ ମୁଣ୍ଡରେ ରକ୍ତ ଦାଗ ଓ ବେକରେ ଗଭୀର କ୍ଷତ ଚିହ୍ନ ଥିଲା । ଗତ ଶନିବାର ରାତିରୁ ଚିତରଂଜନ ପଲେଇଙ୍କ ନିଖୋଜ ସଂପର୍କରେ ଥାନାରେ ଅଭିଯୋଗ ହୋଇଥିଲା ଏବଂ ନିଖୋଜ ସଂପର୍କରେ ଶ୍ରୀ ଦାସବର୍ମା ସଂପୂର୍ଣ୍ଣ ଅବଗତ ଥାଇ ସୁଦ୍ଧା କାହିଁକି ନୀରବ ଥିଲେ ? ପୋଲିସ ୨ ଦିନ ଧରି କୌଣସି ଖୋଜ ଖବର କରିନଥିଲା କାହିଁକି ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି । ଏହି ମାମଲାରେ ଶ୍ରୀ ଦାସବର୍ମାଙ୍କ ସମ୍ପୃକ୍ତି ରହିଥିବା ନେଇ ଚିତରଂଜନଙ୍କ ପରିବାର ସଦସ୍ୟ ଅଭିଯୋଗ କରିଛନ୍ତି। ସେହିପରି ୨୦୧୨ ମସିହା ଅକ୍ଟୋବର ୨୭ ତାରିଖ ଦିନ ମହିଳା ଆୟୁର୍ବେଦ ଡାକ୍ତର ମାଧବୀଲତା ପ୍ରଧାନଙ୍କ ମୃତ ଶରୀର ପୁରୀ ରେଳ ଷ୍ଟେସନ ନିକଟରେ ସନ୍ଦେହଜନକ ଅବସ୍ଥାରେ ମିଳିଥିଲା ଏବଂ ଏହି ହତ୍ୟାକାଣ୍ଡରେ ତତ୍କାଳୀନ ମନ୍ତ୍ରୀ ସଂଜୟ ଦାସବର୍ମାଙ୍କ ସଂପୃକ୍ତିର ସିଧାସଳଖ ଅଭିଯୋଗ ଥିଲା । ଏହି ଦୁଇଟି ଘଟଣାରେ ସଂଜୟ ଦାସବର୍ମାଙ୍କ ସଂପୃକ୍ତିର ଅଭିଯୋଗ ଆଦୌ "ସଂଯୋଗବଶତଃ" ନୁହେଁ ବରଂ ବିରାଟ ଷଡଯନ୍ତ୍ରର ଗନ୍ଧ ସ୍ପଷ୍ଟ ବାରି ହୋଇପଡୁଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ଚିଟ୍‌ଫଣ୍ଡ କଂପାନୀର ଅର୍ଥକୁ ସଂଜୟଙ୍କ ପରିବାର ମାଲିକାନାରେ ଥିବା ୫ଟି କଂପାନୀରେ ବିନିଯୋଗ କରାଯାଇଥିଲା। ଅର୍ଥ ତତ୍ତ୍ୱ ଚିଟ୍ ଫଣ୍ଡ ଟଙ୍କାରେ ୨ଟି ପାଜେରୋ ଗାଡି କିଣିଥିଲେ ସଂଜୟ। ବର୍ତ୍ତମାନ ସୁଦ୍ଧା ଗରିବ ହିତାଧିକାରୀ ଚିଟ୍‌ଫଣ୍ଡ ଟଙ୍କା ଫେରି ପାଇନାହାନ୍ତି । ଏଭଳି ସମ୍ବେଦନଶୀଳ ଘଟଣାର ତଦନ୍ତ ନିରପେକ୍ଷ ହେବା ଉଚିତ୍ । ସଂଜୟ ଦାସବର୍ମାଙ୍କ ସମେତ ତାଙ୍କ ସରକାରୀ ପିଏସଓ ବିପ୍ଳବ ଦଳେଇ, ଜଗା ଓ ହତ୍ୟାକାଣ୍ଡର ଶିକାର ହୋଇଥିବା ଚିତରଂଜନଙ୍କ ମୋବାଇଲ କଲ୍ ରେକର୍ଡ ଯାଂଚ କରାଯାଇ ତଦନ୍ତ ପରିସରଭୁକ୍ତ କରାଯାଉ । ସଂଜୟ ଦାସବର୍ମାଙ୍କୁ ଯୋଜନା ବୋର୍ଡ ଉପାଧ୍ୟକ୍ଷ ପଦରୁ ହଟାଯାଉ। ନହେଲେ ମାଧବୀଲତାଙ୍କ ପରିବାର ଭଳି ଚିତରଂଜନଙ୍କ ପରିବାର ମଧ୍ୟ ନ୍ୟାୟ ପାଇବାରୁ ବଂଚିତ ହେବେ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର ଓ ରାଜ୍ୟ ମୁଖପାତ୍ର ରାଜେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଡିଜେ ବାଜିଲେ , ବାଣ ଫୁଟିଲେ ଜଣାଅ : ଡିସିପି

ଭୁବନେଶ୍ୱର, ୧୪।୧୨(ପି.ଏନ): ବିବାହ ସମୟରେ କୋଭିଡ୍ ଗାଇଡ୍ ଲାଇନ୍ ଉଲ୍ଲଂଘନ ହେଉଛି। କୋଭିଡ୍ ନିୟମ ନମାନି ବିବାହ ପ୍ରସେସନରେ ଡିଜେ ବାଜୁଛି ଓ ବାଣ ଫୁଟୁଛି। ପ୍ରସେସନ ସମୟରେ ଏହା କରିବାକୁ ଅନୁମତି ଦିଆଯାଇନାହିଁ। ଏଭଳି ନିୟମ ଉଲ୍ଲଂଘନ କରାଯାଉଥିବାର ଅଭିଯୋଗ ଆସୁଛି। ଏହି ନିୟମ ଉଲ୍ଲଂଘନ ହେଉଥିବାର ଦେଖିଲେ ପୁଲିସକୁ ତୁରନ୍ତ ଜଣାଇବାକୁ ଅନୁରୋଧ କରିଛନ୍ତି ଭୁବନେଶ୍ୱର ଡିସିପି ଉମା ଶଙ୍କର ଦାସ।ସେ କହିଛନ୍ତି, ୦୬୭୪-୨୫୪୦୨୯୪ ଟେଲିଫୋନ୍ ନମ୍ବରକୁ ଫୋନ କରି ଜଣାନ୍ତୁ। ଆଇନ ଉଲ୍ଲଂଘନ କଲେ ଅର୍ବାନ ପୁଲିସ ଆକ୍ଟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦେଇଛନ୍ତି ଡିସିପି।











# ଟି ଟାଇମ୍

## ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି




ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟଓ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତଓ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜଓ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫଓ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକଓ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡଓ କରିଥିଲେ।

# ପୁରାଣ କାହାଣୀ

## ଅଂହକାରରୂପୀ ସାପ




ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଇଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଳିଲା । ତବସ୍ୱନୀ ମୁକ୍ତାବାଇ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଇ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବନ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

## ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

## ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ଲାଭଦାୟକ ୱେବ୍‌ସାଇଟ୍

ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା’ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍’ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ’ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ ।

## ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା’ ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା’ ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ ।

## ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରଖାନା ସହ ହେୟାର୍ ଷ୍ଟାଇଲିଶ ସପ୍‌ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।



## ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି । ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି । ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ । ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି । ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା’ର ପ୍ରଶିକ୍ଷଣ ଦିଅନ୍ତି । ପୁଅ ଓ ଝିଅ ମନୋନୀତ କରିବା ଏହା ଉଭୟ ପରିବାରର ସହମତିରେ ହିଁ ହୋଇଥାଏ । ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ । ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି । ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି । ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ନ୍ତର୍ଫି ଲଭ କମ୍ୟୁନିଟଓ’ କୁହାଯାଏ । ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲା ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
## ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୧, ଡିସେମ୍ବର ୧୫**

### ଏକ ଦୁଃଖଦ ମୁହୂର୍ତ୍ତରୁ...
# ମାଗି ଆଣିବା ତୁଣ, ଶିଖେଇ ଦେବା ବୁଦ୍ଧି ? ! !



କୌଣସି କାରଣବଶତଃ ପଡୋଶୀଙ୍କ ଠାରୁ ମାଗି ଆଣିଥିବା ତରକାରୀ ଯଥେଷ୍ଟ ହୋଇ ନଥାଏ କି ସେତିକି ଆତ୍ମତୃପ୍ତି ଦେଇ ନ ଥାଏ, ଯେତିକି ନିଜ ଘରେ ହୋଇଥାଏ । କହିବାକୁ ଗଲେ ହୋଟେଲରୁ କିଣି ଆଣିଥିବା ତରକାରୀରେ ମଧ ଅନୁରୂପ ସନ୍ତୁଷ୍ଟି ମିଳିଥାଏ। କିନ୍ତୁ ଘରେ ପ୍ରସ୍ତୁତ କରାଯାଇଥିବା ନିଜ ଚାହିଦା ମୁତାବକ ମାତ୍ରା ଏବଂ ସ୍ୱାଦ ଯଥେଷ୍ଟ ଆନନ୍ଦଦାୟକ ହୋଇଥାଏ । ଠିକ୍ ସେହିଭଳି କାହାଠାରୁ ଶିକ୍ଷାଲାଭ କରିଥିବା ବୁଦ୍ଧି ମଧ ଏକ ସୀମିତ ରେଖା ମଧରେ ରହିଥାଏ, ଯାହା ସମୟୋପଯୋଗୀ ହେବାରେ ସାହାଯ୍ୟ କଲେ ମଧ ସମ୍ପୂର୍ଣ୍ଣ ଜ୍ଞାନ ପ୍ରଦାନ କରିବାରେ ଅସମର୍ଥ ହୋଇଥାଏ । ନିଜସ୍ୱ ଚେଷ୍ଟାରେ ଅର୍ଜିତ ଜ୍ଞାନ, ବୁଦ୍ଧି ସମୟ, ଅସମୟରେ ସ୍ଥଳବିଶେଷକୁ ନେଇ କାର୍ଯ୍ୟ କରିବାରେ ଯଥେଷ୍ଟ ସହାୟକ ହୋଇଥାଏ।

ଆଜିର ବ୍ୟବସାୟପ୍ରବଣ ମଣିଷ ସମାଜରେ ପ୍ରତ୍ୟେକ ଜିନିଷ, ବିଷୟ କେବଳ ବ୍ୟାବସାୟିକ ଭିତ୍ତିରେ ପରିଚାଳିତ ହେଉଥିବା ବେଳେ ଶିକ୍ଷାର ବ୍ୟବସାୟିକ ପ୍ରଚଳନ ବିଷୟ ଉପସ୍ଥାପନ କରିବାର କୌଣସି ଆବଶ୍ୟକତା ନାହିଁ, କାରଣ ସମସ୍ତେ ଜାଣନ୍ତି ଆଜିର ଶିକ୍ଷା ବ୍ୟବସ୍ଥାର ରୂପରେଖ । ଇତିମଧରେ କେବଳ ଶିକ୍ଷା କାହିଁକି ଯେକୌଣସି ବିଷୟରେ ଅନ୍ୟକୁ ଦିଆଯାଉଥିବା ବୁଦ୍ଧି ପାଇଁ ବିନା ଅର୍ଥରେ ଅକ୍ଷରଟିଏ ମଧ ଚଳନା ହୋଇ ନ ଥାଏ କୌଣସି ଆବଶ୍ୟକ ସ୍ଥଳେ।

ଉଦାହରଣସ୍ୱରୂପ ଜଣେ ଅଶିକ୍ଷିତ ବ୍ୟକ୍ତି ଚିଠି ଖଣ୍ଡିଏ ଲେଖିବାକୁ ଚାହିଁଲେ ଲେଖାଳିଙ୍କ ପାଖକୁ ଯାଇ କିଛି ପାଉଣା ଦେଇ ଲେଖିବାକୁ ପଡିଥାଏ, ଯାହା ଆମେ ସମସ୍ତେ ଜାଣୁ । ଅନୁରୂପ ଯେଉଁ ସ୍ଥାନରେ ଯାହା ଆବଶ୍ୟକ ବିଭିନ୍ନ ପ୍ରକାର ଲେଖା ଲେଖିବା ପାଇଁ ଭିନ୍ନ ଭିନ୍ନ ପ୍ରକାରର ଲେଖାଳି ଅଛନ୍ତି, ଯେଉଁମାନେ କିଛି ଅର୍ଥ ନେଇ ଲେଖିଥା'ନ୍ତି, ଯାହା ସାଧାରଣ ଅଶିକ୍ଷିତ ହେଉ କି ଶିକ୍ଷିତ ମଧ ସେହି କାର୍ଯ୍ୟ କରିବାରେ ଅସମର୍ଥ ହୋଇଥା'ନ୍ତି। ଏମିତିକି ସେହି ଦେୟଯୁକ୍ତ ଲେଖା ବ୍ୟତୀତ କେତେ ସୁନ୍ଦର ଭାବେ ଅନ୍ୟ ରୂପରେ ଲେଖିଲେ ମଧ ଅଗ୍ରହଣୀୟ ହୋଇଥାଏ କେତେକ ସ୍ଥାନରେ, ଯାହା ସେମାନଙ୍କୁ ନିର୍ଦ୍ଧାରିତ ଢଙ୍ଗରେ ଲେଖାଯିବାର ଆବଶ୍ୟକତା ରହିଥାଏ। ଏବଂ ସେହି ଢଙ୍ଗରେ ଲେଖାଯିବା ବିଷୟ ସାର୍ବଜନୀନ ହୁଏନାହିଁ । ତେଣୁ ସମସ୍ତେ ସେହି ନିର୍ଦ୍ଦିଷ୍ଟ ଢଙ୍ଗରେ ଲେଖିପାରିବା ବ୍ୟକ୍ତିଙ୍କ ଉପରେ ନିର୍ଭର କରି ଦେୟଯୁକ୍ତ ଲେଖାଟିଏ ନେଇ ନିଜ କାର୍ଯ୍ୟ କରିଥା'ନ୍ତି ।

କହିବାକୁ ଗଲେ ଯେକୌଣସି ପରିସ୍ଥିତିରେ ଜଣେ ଅନ୍ୟପ୍ରତି ରଖୁଥିବା ହିଂସାତ୍ମକ ଭାବ ଏବଂ ନିଜର ସ୍ୱାର୍ଥ ବିଚାରଜନିତ ପ୍ରତାରଣା ଭଳି ଦୁଃଖଦ ପରିବେଶ, ପରିସ୍ଥିତିରେ ବଂଚିବା ଅସମ୍ଭବ ଭଳି ମନେହେଉଥିବା ଅନୁଭୂତି ନିଶ୍ଚିତ ରହିଥିବ ସମସ୍ତଙ୍କର ।

ଏହିଭଳି ସମୟରେ ଆମେ ଯେତେବେଳେ ବିଭିନ୍ନ ମାଧମ ହେଉ କି ଦୂରଦର୍ଶନ ଜରିଆରେ କେତେକ ଜ୍ଞାନ ଆହରଣ କରିଥାଉ, ସେଗୁଡିକ ଯଥେଷ୍ଟ ହୋଇଥାଏ କି ଆମ ଜ୍ଞାନ, ଦୂରଦୃଷ୍ଟି ବୃଦ୍ଧି କରିବାରେ, ବିଚାରଯୋଗ୍ୟ। କାରଣ ସେସବୁ ଜ୍ଞାନ ବିତରଣ କରୁଥିବା ମଣିଷ, ସଂସ୍ଥା ବାସ୍ତବରେ ମାଗଣାରେ ଏତେ ଜ୍ଞାନ ବିତରଣ କରୁଛନ୍ତି କୌଣସି ଦେୟଯୁକ୍ତ ବ୍ୟବସ୍ଥା ନ ରଖି ? କିମ୍ବା ସେମାନଙ୍କର ଆଉକିଛି ଉଦ୍ଦେଶ୍ୟ ରହିଛି କି ସେଗୁଡିକ ମୂଲ୍ୟହୀନ, ବିଚାରଶୂନ୍ୟ ମଣିଷ ଶିଖେଇଦେବା ବୁଦ୍ଧି ଭଳି ସେଗୁଡିକୁ ଗ୍ରହଣ କରି ନିଜକୁ ବୁଦ୍ଧିମାନର ପରିଚୟ ଦେବା କେତେ ଯୁକ୍ତିଯୁକ୍ତ ନିଜେହିଁ ବିଚାର କରି ଦେଖନ୍ତୁ। କାରଣ ଯାହାସବୁ ଆମେ ଦୈନନ୍ଦିନ ଜୀବନରେ ଦେଖି, ଶୁଣି, ଶିଖି ନିଜର ଜ୍ଞାନ ବୃଦ୍ଧି କରିଥାଉ, ସେଗୁଡିକ ଯଥେଷ୍ଟ ନୁହେଁ କି ଅନେକ ସମୟରେ ବିପରୀତମୁଖୀ ହୋଇଥିବା ମଧ କୌଣସି ଅସମ୍ଭବ ନୁହେଁ।

ତେଣୁ ଆଜିର ଏହି ପରିସ୍ଥିତରେ ପାରିପାର୍ଶ୍ୱିକ ପରିବେଶରୁ ଗ୍ରହଣ କରାଯାଉଥିବା ଜ୍ଞାନ, ବୁଦ୍ଧି, ଚରିତ୍ର, ଗୁଣଗୁଡିକ ପ୍ରତି ସଚେତନ ରହି ବୁଝି ବିଚାରି ଗ୍ରହଣ କରା ନ ଗଲେ ମହାକାଳ ଫଳ ସଦୃଶ୍ୟ ଉପରେ ସୁନ୍ଦର ଭିତରେ ଅଙ୍ଗାର ଭଳି ନିଜର ଜ୍ଞାନକୁ ସଂକୁଚିତ କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି। କାରଣ ପ୍ରତ୍ୟେକ କଥାରେ, କ୍ଷେତ୍ରରେ କେବଳ ଦେୟଯୁକ୍ତ ସେବା ମଧରେ ବିଭିନ୍ନ ଖବର ମାଧମଗୁଡିକରେ ଏହି ମାଗଣା ବୁଦ୍ଧି ବିତରଣ କରାଯାଉଥିବା ବିଷୟଗୁଡିକର ମୂଲ୍ୟବୋଧତା କେତେ, ମାପିଚୁପି ବିଚାରକୁ ନିଆ ନ ଗଲେ ଶିଖେଇଦେବା ବୁଦ୍ଧିର ପରିମାଣ, ପରିଣାମ ଯାହା ହେବା କଥା, ସେଇଆ ହିଁ ହେବାଛଡା ଉପଯୁକ୍ତ ଜ୍ଞାନ ପାଇବା ଅସମ୍ଭବ। ଅଧିକନ୍ତୁ ନିଜର ରହିଥିବା ସାମାନ୍ୟ ବୁଦ୍ଧିକୁ ନଷ୍ଟକରି ବାସ୍ତବର ବିପରୀତେ କେତେକ କ୍ଷେତ୍ରରେ ବ୍ୟାପକ ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ । ତେଣୁ ଆଜି ସମୟର ପାରିପାର୍ଶ୍ୱିକ ପରିସ୍ଥିତିକୁ ନଜର ଅନ୍ଦାଜ୍ ନକରି କାହାଠାରୁ (ବ୍ୟକ୍ତିବିଶେଷଙ୍କ ଉପଦେଶ, ଆଲେଖ୍ୟ ହେଉକି ଗଣମାଧମର ଦର୍ଶନ) ଶିକ୍ଷା କରିଥିବା ବୁଦ୍ଧିକୁ ସବୁବେଳେ ସତର୍କତାର ସହିତ ବ୍ୟବହାର କରାଯିବା ବିଧେୟ। ଏବଂ ସ୍ୱଗୃହ ତୁଣର ଆନନ୍ଦ ଭଳି ନିଜସ୍ୱ ବୁଦ୍ଧିରେ ମଣିଷ ସବୁବେଳେ ସିଦ୍ଧି ଲାଭ କରିବାର ନିଶ୍ଚିତତା ରହିଥାଏ, ଯାହା ଅନ୍ୟଠାରୁ ଶିଖି କରିବା ସମ୍ଭାବନା ଖୁବ କମ୍।

**ପଙ୍କଜ କୁମାର ପାଣିଗ୍ରାହୀ,** ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଞ୍ଜାମ, ଦୂରଭାଷ: ୯୪୩୭୩୨୪୯୧୭

## ଆଜିର ଅନୁଚିନ୍ତା

***''ନ ଇଦଂ ମମ'' (ଏହା ମୋର ନୁହେଁ)–ଏହି ଦିବ୍ୟଭାବନା ମହାପୁଣ୍ୟ ଫଳରେ ଉଦୟ ହୁଏ।***

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ–ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଧର୍ମଘଟ ନୁହେଁ ଖେଳଘର

**– – – – – ମାୟାଧର ନାୟକ – – – – –**



ଅନଶନ, ଧାରଣା, ବିକ୍ଷୋଭ, ଘେରାଉ, ଧର୍ମଘଟ, ବନ୍ଦ ଯାହା କଲେ ବି ମାଲିକ ଶ୍ରେଣୀ- ସରକାର ଆଉ ଖାତିର କରୁନାହାନ୍ତି। ପ୍ରତିବାଦରେ ଯୋଗ ଦେଉଥିବା ଶ୍ରମଜୀବୀ ଶ୍ରେଣୀ, ରାଜନୈତିକ ଦଳ ଏବଂ ପରିଚାଳନା କରୁଥିବା ନେତାମାନଙ୍କର ସତ୍ୟ, ନ୍ୟାୟ ପାଇଁ ଶେଷ ପର୍ଯ୍ୟନ୍ତ ଲଢିବାର ମନୋବୃତିରେ ପ୍ରଚଣ୍ଡ ଦୁର୍ବଳତା ଦେଖାଦେଇଛି । ପ୍ରଥମେ ଯେଉଁ ଗର୍ଜନ ତର୍ଜନରେ ଆରମ୍ଭ ହୁଏ, ସାମାନ୍ୟ ଧକ୍କାରେ ତାହା ଭାଙ୍ଗି ଚୁରମାର୍ ହୋଇଯାଏ। ଏଭଳି ଘଟଣା ଅହରହ ଘଟିଚାଲିଛି । ଯାହା ଫଳରେ ଆନ୍ଦୋଳନକାରୀଙ୍କ ମଧରେ ହତାଶା ଭାବ ବୃଦ୍ଧି ପାଉଛି ।

ସଂକଳ୍ପ ଓ ସଂଘର୍ଷ ମଧରେ ଶତ ସହସ୍ର ସଂଗ୍ରାମୀଙ୍କ ବିନିମୟରେ ଯେଉଁ ଗଣତାନ୍ତ୍ରିକ ଅଧିକାର ହାସଲ କରି ଜନଗଣ ନୂତନ ସମାଜର ମୂଳଦୁଆ ପକେଇ ଆଗେଇ ଯିବାର ଥିଲା- ତାହା ଆଜି ମୁକ୍ତ ପୁଞ୍ଜିବାଦର କୁଚ୍ଛବାହକ ମୁନାଫାଖୋର ମାଲିକଶ୍ରେଣୀର ଷଡଯନ୍ତ୍ରରେ ପଣ୍ଡ ହୋଇଯାଇଛି । ମାଲିକଶ୍ରେଣୀ କବଳିତ କରିଛି ରାଷ୍ଟ୍ରଯନ୍ତ୍ର, ଧାରଣ କରିଛି ଦମନର ନୂଆ ନୂଆ ଶକ୍ତିଶାଳୀ ହତିଆର । ସେହି ତୁଳନାରେ ଜନଗଣଙ୍କ ପ୍ରତିରୋଧର ଅସ୍ତ୍ର ପୁରୁଣା ହୋଇଯାଇଛି । ସଂଗ୍ରାମର ନୂତନ ପର୍ଯ୍ୟାୟରେ ସେ ଅସ୍ତ୍ର ଆଜି ଅଚଳ ଅକାମୀ। ସେଥିପାଇଁ ଆଜିର ଚତୁର ମାଲିକଶ୍ରେଣୀର ମୁକାବିଲା କରିବାରେ ପଛେଇ ଯାଇଛି ଜନବିପ୍ଳବର ଧାରା, ଶ୍ରମଜୀବି ଶ୍ରେଣୀର ବିକ୍ଷୁବ୍ଧ ଆନ୍ଦୋଳନ । ଏ ପର୍ଯ୍ୟନ୍ତ କୌଣସି ସଂଗଠନ, ନେତା କିମ୍ବା ବୁଦ୍ଧିଜୀବୀ ଶ୍ରମିକ ଶ୍ରେଣୀର ନୂତନ ଅସ୍ତ୍ର ଉଦ୍‌ଘାଟନ କରିପାରି ନାହାନ୍ତି । ଶ୍ରମିକ ସଂଗଠନ-ରାଜନୈତିକ ଦଳଗୁଡିକ ଶ୍ରମିକମାନଙ୍କୁ ଗୋଡାଣିଆ-ଅର୍ଥନୈତିକ ସୁବିଧାବାଦୀ ରାସ୍ତାରେ ଟାଣି ନେଇଛନ୍ତି । ଶ୍ରମିକଶ୍ରେଣୀର ନୈତିକ ମେରୁଦଣ୍ଡକୁ ଭାଙ୍ଗିଦିଆଯାଇଛି । ଶ୍ରମଜୀବୀ ଶ୍ରେଣୀକୁ ସଚେତନ କରିବା ଜ୍ଞାନ ଅସ୍ତ୍ରରେ ସଜ୍ଜିତ କରିବା ଅତ୍ୟନ୍ତ ପ୍ରୟୋଜନୀୟ କାର୍ଯ୍ୟଟି କେହି କରୁନାହାନ୍ତି । ଦେଶର ପ୍ରଚଳିତ ପଚା-ପୂତି ଗନ୍ଧମୟ ସମାଜ ବ୍ୟବସ୍ଥାର ବିକଳ୍ପ ଏ ପର୍ଯ୍ୟନ୍ତ ସୃଷ୍ଟି ହୋଇପାରିନି- ଯାହା ଅତ୍ୟନ୍ତ ଜରୁରୀ। କିଛିବର୍ଷ ହେଲା ଭାରତବର୍ଷରେ ସାଂପ୍ରଦାୟିକ ଫାସିବାଦ ତାର ଖେଳାଲୀଳା ଚଳାଇଥିବା ବେଳେ ଦେଶବାସୀ ଫାସୀବାଦର ନାଗଫାସ ବନ୍ଧନରେ ଛନ୍ଦି ହୋଇଯାଉଛନ୍ତି । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଭାରତବର୍ଷ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ବୋଲି ସମ୍ବିଧାନରେ ଲେଖାଅଛି । ପ୍ରତି ମୁହୂର୍ତ୍ତରେ ଆମେ ସମ୍ବିଧାନକୁ ଗୋଇଠା ମାରି ଦଳି ଚାଲିଛେ । ଏଥିପାଇଁ କାହାରିକୁ ଦଣ୍ଡ ନାହିଁ । ଖୋଲାଖୋଲି ଭାବେ ଧର୍ମ ନାଁରେ ରାଜନୀତି, ଜାତି, ବର୍ଣ୍ଣ ନାଁରେ ରାଜନୀତି କରି ଶାସନ କ୍ଷମତା ଦଖଲ କରୁଛେ। ପ୍ରତି ମୁହୂର୍ତ୍ତରେ ପ୍ରଚଳିତ ଆଇନ୍ ଭଙ୍ଗ କରୁଛେ-ଏହା କେବଳ ଆମ ଦେଶରେ ନୁହେଁ, ବିଶ୍ୱର ସବୁ ରାଷ୍ଟ୍ରରେ ବେଆଇନ କାର୍ଯ୍ୟକଳାପକୁ ଜବରଦସ୍ତ ସାବ୍ୟସ୍ତ କରିବା ଅଭ୍ୟାସରେ ପରିଣତ ହୋଇଗଲାଣି । ବିଶ୍ୱବାସୀ ଏକ ଭୟଙ୍କର ବିପଦ ଆଡକୁ ଟାଣିହୋଇ ଯାଉଛନ୍ତି । ବିଚାର ବିଭାଗ ହୁଅନ୍ତୁ କି ସରକାର ହୁଅନ୍ତୁ- କୌଣସି ପ୍ରଥାକୁ ବାତିଲ ଘୋଷଣା କଲେ ତାହା ବାତିଲ ହୋଇଯାଏନା । ଧର୍ମଘଟକୁ ବାତିଲ କଲେ ତାହା ଅନ୍ୟ ଏକ ଭୟଙ୍କର ରୂପରେ ଅନ୍ୟ ଶବ୍ଦରେ ଦେଖାଦେବ। ଶ୍ରମଜୀବୀମାନେ ଯେତେବେଳେ ଦାବୀ ହାସଲ ପାଇଁ ସୁଯୋଗ ପାଇବେ ନାହିଁ ସେତେବେଳେ ସେମାନଙ୍କ ପେଟପାଟଣା ଦାଉରେ ଅଶାନ୍ତି ଅସନ୍ତୋଷର ନିଆଁ କୁହୁଳି କୁହୁଳି ହେବ ବିସ୍ଫୋରଣ । ଚରମପନ୍ଥା ଅବଲମ୍ବନ କରିବାକୁ ବାଧ ହେବେ। ଏହା ଧର୍ମଘଟଠାରୁ ଆହୁରି ମାରାତ୍ମକ ରୂପ ଧାରଣ କରିବ ।

ଦେଶରେ ସାମ୍ପ୍ରଦାୟିକ ଦଙ୍ଗା କ୍ୟାନସର ରୋଗ ଭଳି ମାଡିଚାଲିଛି । ଶାସନ କ୍ଷମତାରେ ଥିବା ରାଜନେତାମାନେ ପ୍ରତି ମୁହୂର୍ତ୍ତରେ ସାମ୍ପ୍ରଦାୟିକ ବିଦ୍ୱେଷ-ଘୃଣା ସୃଷ୍ଟି କରି ଦଙ୍ଗା ଲଗାଇବାରେ ସଫଳ ହେଉଛନ୍ତି । ସେହିସବୁ ସାମ୍ପ୍ରଦାୟିକ ଶକ୍ତି ଦଳକୁ ସୁପ୍ରିମକୋର୍ଟ ବାତିଲ କରିଦେଇ ପାରିବ କି ? ଅଧିକାଂଶ ବିଚାରପତିଙ୍କର ବିଚାର ପକ୍ଷପାତ ହେବା ବହୁ ନଜିର ରହିଛି । ବିଚାରପତିମାନେ ଅବସର ନେଲାପରେ କିଏ ରାଜ୍ୟସଭା ସଦସ୍ୟ ହେବ, କିଏ କେଉଁ ତଦନ୍ତ କମିଶନର ମୁଖ୍ୟ ହେବେ କିମ୍ବା ସେମାନଙ୍କ ପରିବାରରୁ କିଏ ସୁବିଧାସୁଯୋଗ ପାଇବେ-ଏଇ ମନୋଭାବ ଚାକିରି କଲାବେଳେ ରହିଥିବାରୁ ସେମାନେ ପକ୍ଷପାତ ବିଚାର କରିବାର ସମ୍ଭାବନା ସମ୍ପୂର୍ଣ୍ଣ ସନ୍ଦେହମୁକ୍ତ ନୁହେଁ ।

ସାଧାରଣ ଜନତାର ସ୍ୱର ସମ୍ବଳିତ ଦାବୀକୁ ଦବାଇବାର କି ଦୁଃଖଦାୟକ ମସୁଧା। ଅଧର୍ମ ଚିତଧର୍ମୀ ଅପସଂସ୍କୃତିର ଯେଉଁ କୁତ୍ସିତ କୀଟାଣୁ ଭାରତବର୍ଷର କଳିଜାକୁ ଖତମ କରିବାର ଜଘନ୍ୟ ଅଭିଯାନ ଆରମ୍ଭ କରିସାରିଛି ତାହାର ଭଲା ଅନ୍ତ ଘଟାଇବାର ଉଦ୍ୟମ ମାନ୍ୟବର ସୁପ୍ରିମକୋର୍ଟଙ୍କ ପକ୍ଷରୁ ଅନୁଭୂତ ହୁଅନ୍ତା କି ? ଦୁଃଖ ଲାଗେ-୨୦୦ ବର୍ଷର ରାଜ କରିଆସିଥିବା ସାହେବ ସରକାର ଦେଶୀ ଆନ୍ଦୋଳନକୁ ନିଷିଦ୍ଧ ଘୋଷଣା କରି ନଥିଲା- ଅଥଚ ଆମ ଦେଶୀ ଶାସନରେ ଆଜି ମାନ୍ୟବର ସୁପ୍ରିମକୋର୍ଟ ଜନଜାଗୃତିର ପ୍ରତୀକସ୍ୱରୂପ ଜନଗଣଙ୍କର ଧର୍ମଘଟଗୁଡିକୁ ରଦ୍ଦ କରିବାର ଯେଉଁ ଦଣ୍ଡଶାଦେଶ ଶୁଣାଇଛନ୍ତି ତାହା ଘୋର ପରିତାପର ବିଷୟ । ଏହା ଦେଶକୁ ଲଜ୍ଜା – ଜାତିକୁ ଲଜ୍ଜା – ଉତ୍କଟତମ ଲଜ୍ଜା ମଧ ଆମ ଭବିଷ୍ୟତ ପିଢୀର ଉତରଦାୟଦମାନଙ୍କ ପାଇଁ । ଲୁହ ଲହୁର ଲଢେଇ ପାଇଁ ଶେଷକୁ ହାର ମାନିବ? ଶ୍ରମଜୀବୀ-ସଂସ୍କୃତି ହେବ ପଥଭ୍ରଷ୍ଟ ? ସାଧାରଣ ମଣିଷର ସ୍ୱପ୍ନ, ସଂଘର୍ଷ ଓ ସଂକଳ୍ପ ହେବ ନୀତିଭ୍ରଷ୍ଟ ? ଶ୍ରମିକ ଶ୍ରେଣୀର ଭବିଷ୍ୟତ ହେବ ନଷ୍ଟବିନଷ୍ଟ ? ଧ୍ୱଂସର ଆସନ୍ନ ଅନ୍ଧକାର ବିରୋଧରେ ଆଲୋକ ଓ ଅଙ୍ଗୀକାରର ଅଭିଯାତ୍ରା ପାଇଁ ସମୟ ପହଂଚିଯାଇଛି ଆଜି । ଏହି ଘଡିସନ୍ଧି ମୁହୂର୍ତ୍ତରେ ପଶ୍ଚାତଗତିର ବ୍ୟର୍ଥତା ଓ ବିଡମ୍ବନାର ନୂତନ ଅଭିଜ୍ଞତାର ଶିକ୍ଷା ହାସଲ କରି ଜନଗଣଙ୍କ ହାତରେ ଗଣଆନ୍ଦୋଳନର ନୂତନ ଆଭିମୁଖ୍ୟ ଜ୍ଞାନଅସ୍ତ୍ର ଧରାଇଦେବା ହିଁ ସମୟର ଆହ୍ୱାନ । ଧ୍ୱଂସର ଆସନ୍ନ ଅନ୍ଧକାର ବିରୋଧରେ ଆଲୋକ ଓ ଅଂଗୀକାରର ଅଭିଯାତ୍ରା ପାଇଁ ସଂଗ୍ରାମ ଚଳେଇ ରଖିଛନ୍ତି ସେଇ ସଂଗ୍ରାମର ଅସଲ ଆହ୍ୱାନର ଘଡିସନ୍ଧି ମୁହୂର୍ତ୍ତ ପହଂଚିଯାଇଛି ।

ଏବେ ବିଶ୍ୱବ୍ୟାପୀ ସର୍ବହରା-ସଂସ୍କୃତି ସଂପ୍ରତି ଗତି କରୁଛି ଏକ ଗୁରୁତର ସଂକଟର ସନ୍ଧିକ୍ଷଣ ମଧରେ । ପୃଥିବୀ ତମାମ୍ ପୁଞ୍ଜିବାଦ ଅର୍ଥନୈତିକ-ସାମରିକ ସାମ୍ରାଜ୍ୟବାଦ ପ୍ରତିଷ୍ଠା କରିସାରିଛି ତା'ର ବିଶାଳ ସାମ୍ରାଜ୍ୟ... ନୂଆ ଅବତାର ନେଇ ବିଛାଇ ବସିଛି ନିଜ ଜଘନ୍ୟ ଷଡଯନ୍ତ୍ର ସୂକ୍ଷ୍ମଜାଲ । ଏ ଜାଲକୁ କାଟିବାକୁ ହେଲେ ମେହନତୀ ମଣିଷର ଆଜି ପ୍ରୟୋଜନ ଆହୁରି ନୂତନ ଓ ସୂକ୍ଷ୍ମତର କର୍ମ ଏବଂ ତତ୍ତ୍ୱର ସମ୍ମିଶ୍ରିତ ପାଶୁପତ ଅସ୍ତ୍ର ।

ଜନଗଣଙ୍କ ଜୀବନକୁ ନେଇ ଜୁଆ ଖେଳୁଥିବା ମୃତ୍ୟୁମୁଖୀ ପୁଞ୍ଜିବାଦୀ ବ୍ୟବସ୍ଥାରେ ଆଜି ଅବାନ୍ତର ହୋଇଉଠିଛି ମଣିଷର ମୁକ୍ତି ଓ ଅଧିକାର ପ୍ରସଙ୍ଗ । ଶାସନ, ପ୍ରଶାସନ, ନ୍ୟାୟତନ୍ତ୍ର-ଗଣତନ୍ତ୍ରର ସବୁ ଗମ୍ବୁଜ ଉପରେ ସଂପ୍ରତି ପୁଞ୍ଜିବାଦର ପତାକା ଉଡୁଛି ବିଶ୍ୱବ୍ୟାପୀ। ସୋଭିଏତ୍ ରୁଷ ପୂର୍ବ ୟୁରୋପ ଦେଶ ପର୍ଯ୍ୟନ୍ତ ସମାଜବାଦକୁ ଅବିଚାରିତ ଭାବରେ ସମର୍ପଣ କରି ଦିଆଯାଇଛି ପୁଞ୍ଜିବାଦର ବିଷାକ୍ତ ବାତାବରଣ ଖେଳିଯାଇଛି। ମୁକ୍ତି ଓ ଅଧିକାର ପରିବର୍ତେ ସାରା ଦୁନିଆର ଶ୍ରମଜୀବୀ ବର୍ଗ, ସାଧାରଣ ମଣିଷ ଆଜି ମୋହ ଓ ଆତ୍ମବିସ୍ମୃତିରେ ଆକ୍ରାନ୍ତ। ମୁନାଫାଧର୍ମୀ ମାଲିକାନା କବଳିତ କରିସାରିଛି ରାଷ୍ଟ୍ରଯନ୍ତ୍ର, ରାଜନୀତି, ଅର୍ଥନୀତିର ସମସ୍ତ ସତା। ଧର୍ମ, ସାମ୍ପ୍ରଦାୟିକତା, ବିଭାଜନବାଦୀ ମାନସିକତାର ବିଷମଞ୍ଜି ବୁଣି ବିଭକ୍ତ ବିଶ୍ୱକୁ ଡରାଇ ଥରାଇ ରଖିଛି ବିଭୀଷିକାମୟ ପୁଞ୍ଜିବାଦ । ସଂକଟର ସନ୍ଧିକ୍ଷଣରେ ଆଜି ଭୂଆଁ ବୁଲୁଛି ସମଗ୍ର ଭାରତବର୍ଷ । ଗଣତନ୍ତ୍ର ଆଜି ରକ୍ତାକ୍ତ । ଚାରିଆଡେ ନାହିଁ ନାହିଁର ନକ୍ସା ।

ଆମେ ଜାଣୁ –
ପୁଷ୍ପ-ସୁରଭିତ ନୁହେଁ ବିପ୍ଳବର ପଥ...
କାଳେ କାଳେ ତାହା କଂଟକିତ, କଙ୍କରିଳ,
କଠିନ-କଠୋର !
ଦୁର୍ଗମ-ଦୁସ୍ତର !
ବିଳାସବିଭୋର ନୁହେଁ ବିପ୍ଳବୀର ବ୍ରତ...
ଯୁଗେ ଯୁଗେ ତାହା ଶିକ୍ଷାୟିତ
ସାଧନାରେ ଦୀପ୍ୟମାନ, ଅଗ୍ନିସ୍ନାତ
ଅତ୍ମୋତ୍ସର୍ଗରେ ଅନିର୍ବାଣ ବିରାମହୀନ !
ଲହୁଲୁହାଣ !
ଲେଲିହାନ !
ସଠିକ ବିପ୍ଳବର ଚୂଡାନ୍ତ ନିଷ୍ପତି
ଗତି ! ଅଗ୍ରଗତି ।
ସଚ୍ଚା ବିପ୍ଳବୀର ବୈତାଳିକ ବୀଜମନ୍ତ୍ର
ଚରୈବେତି–ଚରୈବେତି

ଲୁହର ଲହର ପାଖେ ଲଟକି ଯାଏ ନା ବିପ୍ଳବ... ଲହୁର ଲହଡି ପାଖେ ଅଟକି ଯାଏ ନା ବିପ୍ଳବୀ... ସବୁ କିଛି ଶୀତଳ ସ୍ଥିତାବସ୍ଥାର ସେତୁବନ୍ଧ ଭାଙ୍ଗି, ପୀଡିତ ପରମ୍ପରାର ପ୍ରାଚୀନ ପ୍ରାଚୀର ଧ୍ୱସ୍ତବିଧ୍ୱସ୍ତ କରି, ବଜ୍ରକଠିନ ସଂକଳ୍ପ ନେଇ, ଆଗେଇ ଯିବାକୁ ପଡେ ବିପ୍ଳବୀକୁ ଆସନ୍ତାକାଲିର ଶାଣିତ ସୁପ୍ରଭାତ ଉଦ୍ଦେଶ୍ୟରେ ।

*-ଯାଜପୁର ରୋଡ, ଯାଜପୁର*
*ମୋ : ୯୮୬୧୦୩୪୧୬୩*

# ନିଆରା ଜନନେତା ଡାକ୍ତର ଦାମୋଦର ରାଉତ

**ହିମାଂଶୁଶେଖର ଆଚାର୍ଯ୍ୟ**



ରାଜନୀତିରେ ଆସିଛି ଏବେ ନୂଆ ପରିବର୍ତ୍ତନ। ତା' ସହିତ ତାଳ ଦେଇ ପରିବର୍ତ୍ତନ ହେଉଛି ବ୍ୟକ୍ତିର ବ୍ୟକ୍ତିତ୍ୱର। ମାତ୍ର ଯେଉଁ କେତେଜଣ ଜନନେତା ପ୍ରତିକୂଳ ପରିସ୍ଥିତି ଓ ସମାଲୋଚନାକୁ ଖାତିର ନକରି ନିଜର ସ୍ୱତନ୍ତ୍ରତାକୁ ବଜାୟ ରଖିଛନ୍ତି, ତନ୍ମଧ୍ୟରୁ ଜଣେ ହେଉଛନ୍ତି ପ୍ରବୀଣ ରାଜନୀତିଜ୍ଞ ତଥା ପୂର୍ବତନ ମନ୍ତ୍ରୀ ଡାକ୍ତର ଦାମୋଦର ରାଉତ। ଏହି ନିଆରା ଜନନେତା ଅବିଭକ୍ତ କଟକ ଜିଲ୍ଲା ସମ୍ପ୍ରତି ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ ଅନ୍ତର୍ଗତ ମଲ୍ଲିପୁର ଗ୍ରାମରେ ୧୯୪୧ ମସିହା ଡିସେମ୍ବର ୧୪ ତାରିଖରେ ପିତା କପିଳ ଚରଣ ରାଉତଙ୍କ ଔରସରୁ ମାତା ଗହ୍ଲାଦେବୀଙ୍କ କୋଳମଣ୍ଡନ କରିଥିଲେ। ଆଜି ୮୦ ବର୍ଷରେ ପଦାର୍ପଣ କରୁଛନ୍ତି ଡାକ୍ତର ରାଉତ। ଏହି ପରିପ୍ରେକ୍ଷୀରେ ତାଙ୍କର କର୍ମମୁଖର ଓ ଘଟଣାବହୁଳ ଜୀବନ ସମ୍ପର୍କରେ ଆଲୋକପାତ କରିବା ଏହି କ୍ଷୁଦ୍ର ଆଲେଖ୍ୟଟିର ଉଦ୍ଦେଶ୍ୟ।

ବହୁମୁଖୀ ବ୍ୟକ୍ତିତ୍ୱର ଅଧିକାରୀ ଡାକ୍ତର ଦାମୋଦର ରାଉତ । ଏକାଧାରରେ ସେ ଜଣେ ରାଷ୍ଟ୍ରନୀତିଜ୍ଞ, ବାଗ୍ମୀ, ସ୍ତମ୍ଭକାର, ସମ୍ପାଦକ, ସଂସ୍କୃତିପ୍ରେମୀ ମଣିଷ ଓ ସର୍ବୋପରି ସ୍ୱାଭିମାନୀ ଜନନେତା। ୧୯୭୪ ମସିହାରେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଡାକରାରେ ସରକାରୀ ଚାକିରି ଛାଡି ରାଜନୀତିରେ ପାଦ ଥାପିଥିଲେ ଡାକ୍ତର ଦାମୋଦର ରାଉତ। ପ୍ରଥମଥର ପାଇଁ ୧୯୭୭ ମସିହାରେ ଓଡିଶା ବିଧାନସଭାକୁ ନିର୍ବାଚିତ ହେବା ତାଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା। ଏହାପରେ ସେ ଆଉ ପଛକୁ ଫେରି ଚାହିଁନାହାଁନ୍ତି । ତାଙ୍କୁ କେବଳ ରାଜନୀତିକ ଦୃଷ୍ଟିଭଙ୍ଗୀରେ ଦେଖିଲେ ଚଳିବ ନାହିଁ। ତାଙ୍କ କଥା ଆଲୋଚନା କଲେ ଓଡିଶାର ରାଜନୀତି, ସାହିତ୍ୟ ଓ ସଂସ୍କୃତିର ବହୁ ଘଟଣାବହୁଳ ଚିତ୍ର ସ୍ମୃତିପଟ୍ଟରେ ଉଙ୍କିମାରେ। ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ସ୍ୱକୀୟତା, ସାହସ ଓ ନିର୍ଭୀକତା ପରିସ୍ଫୁଟ ହୋଇଥାଏ। ଏହାକୁ ସେ ଅକ୍ଷରେ ଅକ୍ଷରେ ପ୍ରତିପାଦନ କରିଛନ୍ତି ପ୍ରତିଟି କାର୍ଯ୍ୟରେ। ଆଜିର ତାରିଖରେ ଓଡିଶା ରାଜନୀତିର ଚଳନ୍ତି ଇତିହାସ ସେ। ଅତୀତ ଓ ଭବିଷ୍ୟତ ତାଙ୍କ ମୁହଁରେ । ପ୍ରବାଦପୁରୁଷ ବିଜୁ ପଟନାୟକଙ୍କ ଏକାନ୍ତ ସହଯୋଗୀ ଥିବା ଏହି ବରିଷ୍ଠ ଜନନେତା ଅନେକ ସମୟରେ ସତ କହି ବିବାଦୀୟ ହୋଇପଡନ୍ତି, କିନ୍ତୁ ଅକାଟ୍ୟ ସତ କହିବାକୁ କେବେବି ପଛଘୁ□। ଦିଅନ୍ତି ନାହିଁ। ନବକଳେବର ବିଭ୍ରାଟ, ମହାନଦୀ ଜଳବିବାଦ ହେଉ କି ନଗଡା ଶିଶୁମୃତ୍ୟୁ ବା ଅନ୍ୟାନ୍ୟ ପ୍ରସଙ୍ଗ ହେଉ ସବୁଠି ବ୍ୟବସ୍ଥାରେ ଥିବା ତ୍ରୁଟିକୁ ସେ ସମାଲୋଚନା କରିଛନ୍ତି, ଆଉ ସମାଧାନ ସୂତ୍ର ବି ବତାଇଦେଇଛନ୍ତି। ଖାଲି ସେତିକି ନୁହେଁ, ବିରୋଧୀଙ୍କ ବରାବର କଟାକ୍ଷ, ବାରବାର ସମାଲୋଚନାକୁ ଖାତିର ନକରି ତଥ୍ୟଭିତ୍ତିକ ଯୁକ୍ତି ଉପସ୍ଥାପନ କରିବାରେ ସେ ମାହିର ଅଟନ୍ତି।



ଡାକ୍ତର ଦାମୋଦର ରାଉତଙ୍କ ରାଜନୈତିକ ଜୀବନ ବେଶ୍ ଚଳଚ□ଳ । ୧୯୭୭ ମସିହାରୁ ୨୦୧୭ ମସିହା ପର୍ଯ୍ୟନ୍ତ ପ୍ରାୟ ୪ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସେ ଓଡିଶାର ରାଜନୀତିକୁ ପ୍ରଭାବିତ କରିଆସିଛନ୍ତି। ୧୯୭୭, ୧୯୮୦, ୧୯୯୦ ଓ ୨୦୦୦, ୨୦୦୪ ମସିହାରେ ଏରସମା ନିର୍ବାଚନ ମଣ୍ଡଳୀରୁ ଓଡିଶା ବିଧାନସଭାକୁ ୫ଥର ନିର୍ବାଚିତ ହୋଇ ବିଭିନ୍ନ ପର୍ଯ୍ୟାୟରେ ଓଡିଶା ସରକାରରେ ସୂଚନା ଓ ଲୋକସମ୍ପର୍କ, ଶିଶୁ ବିକାଶ, ପ□ାୟତିରାଜ ମନ୍ତ୍ରୀ ଭାବେ କାର୍ଯ୍ୟକରି ନିଜର ଦକ୍ଷତାର ପ୍ରମାଣ ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ନିର୍ବାଚନମଣ୍ଡଳୀ ପୁନର୍ଗଠନ ପରେ ୨୦୦୯ ଓ ୨୦୧୪ ମସିହାରେ ନବଗଠିତ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀରୁ ଲଗାତର ୨ଥର ବିଧାନସଭାକୁ ନିର୍ବାଚିତ ହୋଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, କୃଷି, ସମବାୟ, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ, ଅବକାରୀ ଓ ସମବାୟ ବିଭାଗର ମନ୍ତ୍ରୀ ରହିଥିଲେ। ଯେତେବେଳେ ତାଙ୍କୁ ଯେଉଁ ବିଭାଗର ମନ୍ତ୍ରୀପଦ ମିଳିଛି ସେ ବିଭାଗର ଦାୟିତ୍ୱକୁ ସେ ଦକ୍ଷତାର ସହିତ ସମ୍ପାଦନ କରିଛନ୍ତି, ଏହାହିଁ ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ। ବିଶେଷକରି ପ□ାୟତିରାଜ ମନ୍ତ୍ରୀଭାବେ ତାଙ୍କ କାର୍ଯ୍ୟକୁଶଳତା ଏବେବି ଅନ୍ୟମାନଙ୍କ ପାଇଁ ଉଦାହରଣୀୟ ହୋଇ ରହିଛି । ସେଥିପାଇଁ ଜାତୀୟ ସ୍ତରରେ ଶ୍ରେଷ୍ଠ ପ□ାୟତିରାଜ ମନ୍ତ୍ରୀଭାବେ ସମ୍ମାନିତ ହେବା ତାଙ୍କ ଦକ୍ଷତା ଓ ପାରିବାପଣିଆର ଆଉ ଏକ ନିଛକ ନମୁନା।

୧୯୯୯ ମସିହା ମହାବାତ୍ୟା ଜନଜୀବନରେ ଯେଉଁ କରାଳ ଧ୍ୱଂସଲୀଳା ସୃଷ୍ଟି କରିଥିଲା ତାହା ଓଡିଶାବାସୀଙ୍କ ପାଇଁ ଥିଲା ଅଭୂତପୂର୍ବ। ବିଶେଷ କରି ମହାବାତ୍ୟା ଏରସମା ଅ□ଳକୁ ଛିନ୍‌ଭିନ୍ କରି ଦେଇଥିଲା। ଏହି ମହାବାତ୍ୟା ସମୟରେ ବାତ୍ୟାଦୁର୍ଗତଙ୍କ ନିକଟରେ ପହଁ□ିବା ଏବଂ ସେମାନଙ୍କୁ ଥଇଥାନ କରିବା ଓ ଜୀଇଁବାର ରାହା ଦେବାରେ ଡାକ୍ତର ରାଉତଙ୍କ ଭୂମିକା ଉଚ୍ଚ ପ୍ରଶଂସନୀୟ। ସେତେବେଳେ ସେ ବିଧାୟକ ନଥିଲେ ମଧ ମାଟିର ଲୋକମାନଙ୍କ ପାଖେ ପାଖେ ରହି ସମସ୍ତ ସହଯୋଗ କରିଥିଲେ । ଯାହାଫଳରେ ଧ୍ୱସ୍ତବିଧ୍ୱସ୍ତ ଏରସମାର ପୁନଃନିର୍ମାଣ ହେବାସହ ଗମନାଗମନ, ବିଜୁଳି ଓ ଭିତ୍ତିଭୂମିର ପୁନଃଉଦ୍ଧାର ହୋଇପାରିଥିଲା। ସେଥିପାଇଁ ବାତ୍ୟା ପରବର୍ତ୍ତୀ ୨୦୦୦ ମସିହା ସାଧାରଣ ନିର୍ବାଚନରେ ତାଙ୍କୁ ଲୋକମାନେ ବିପୁଳ ଭୋଟ ଦେଇ ବିଧାନସଭାକୁ ପଠାଇଥିଲେ। ଏଥିସହିତ ଶିକ୍ଷାର ବିସ୍ତାର ପାଇଁ ଏରସମାର ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, କୁଜଙ୍ଗର କୁଜଙ୍ଗ ମହାବିଦ୍ୟାଳୟ, ପଙ୍କପାଳର କମଳାଦେବୀ ମହାବିଦ୍ୟାଳୟ ଓ ରାହାମାର ସାରଳା ମହାବିଦ୍ୟାଳୟର ବିକାଶରେ ତାଙ୍କର ଉଲ୍ଲେଖନୀୟ ଅବଦାନ ଅଛି। ସେହିପରି କୁଜଙ୍ଗ ମହୋତ୍ସବ, ଗଡକୁଜଙ୍ଗ ରଥଯାତ୍ରା ଓ କଳିଙ୍ଗ ବାଲିଯାତ୍ରାର ସଫଳତା ପଛରେ ତାଙ୍କର ଅବଦାନକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ସଫଳତା ସାର୍ଥକ ଜନମତ ଉପରେ ନିର୍ଭର କରେ ବୋଲି ସେ ମର୍ମେ ମର୍ମେ ଅନୁଭବ କରିଥିଲେ । ଜନମତକୁ ପ୍ରତିଫଳିତ କରିବା ପାଇଁ ସେ ପ୍ରତିଷ୍ଠା କରିଛନ୍ତି ଦୈନିକ ସମ୍ବାଦପତ୍ର "ସ□ାର''। ଏବେ ଏହାର ସମ୍ପାଦକ ଦାୟିତ୍ୱ ସଫଳତାର ସହ ତୁଲାଉଛନ୍ତି। ସ୍ୱଳ୍ପଦିନ ମଧରେ ଦୈନିକ ସ□ାର ନିଜପାଇଁ ସମ୍ବାଦପତ୍ର ଜଗତରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଏହା ପଛରେ ରହିଛି ଡାକ୍ତର ରାଉତଙ୍କର ନିରବଚ୍ଛିନ୍ନ ପ୍ରୟାସର ଫଳଶ୍ରୁତି।

ଓଡିଆ ଜାତିର ସ୍ୱାଭିମାନ ସ୍ୱର ଏବେ କମିବାରେ ଲାଗିଛି । ଓଡିଶାର ସ୍ୱାଭିମାନ ରକ୍ଷାକରିବା ପାଇଁ ପ୍ରତ୍ୟେକ ନିର୍ବାଚିତ ପ୍ରତିନିଧି ଏ ଦିଗରେ ଆଗେଇ ଆସିଲେ ସେମାନେ ଓଡିଶାର ଜନନେତା ଭାବେ ଇତିହାସ ପୃଷ୍ଠା ମଣ୍ଡନ କରିପାରିବେ। ଡାକ୍ତର ଦାମୋଦର ରାଉତ ଦୀର୍ଘଜୀବୀ ହୁଅନ୍ତୁ ଏବଂ ସୁସ୍ଥ ଓ ନିରାମୟ ରୁହନ୍ତୁ, ଏହାହିଁ ତାଙ୍କ ଜନ୍ମଦିନ ଅବସରରେ କାମନା !

*-ଲଥାଙ୍ଗ, ରାହାମା, ଜଗତସିଂହପୁର,*
*ମୋ-୯୩୩୭୨୨୧୯୨୪*

# ଧନୁସଂକ୍ରାନ୍ତି



ବର୍ଷକ ବାରମାସ। ରାଶି ଗଣନାକୁ ନେଇ ହିସାବ କଲେ ମଧ ୧୨ ମାସ। ସୂର୍ଯ୍ୟଙ୍କର ଅବାସ୍ତବ ଗତିକୁ ଧରି ମାସ ଗଣନାହିଁ ରାଶି। ରାଶିଗୁଡ଼ିକ ସାଧାରଣତଃ ଇଂରାଜିମାସ ତାରିଖ ଅନୁସାରେ ୧୩ ତାରିଖରୁ ୧୬ତାରିଖ ମଧରେ ଆରମ୍ଭ ହୋଇ ପରମାସ ସେହିସବୁ ତାରିଖ ମଧରେ ରହିଥାଆନ୍ତି। ସୂର୍ଯ୍ୟଙ୍କର ଏହିପରି ଗତିଜନିତ ସଂକ୍ରମଣକୁ ସଂକ୍ରାନ୍ତି କୁହନ୍ତି।

ସଂକ୍ରାନ୍ତି କ୍ରମରେ ଧନୁ ସଂକ୍ରାନ୍ତି ଅନ୍ୟତମ। ଏହା ବିଛା ଓ ମକର ମଧବର୍ତ୍ତୀ ରାଶି। ସଂକ୍ରାନ୍ତି ଦୃଷ୍ଟିରୁ ଏହା ମଧ ଏକ ଗୁରୁତ୍ୱ ପୂର୍ଣ୍ଣରାଶି। ଏହା ଏକ କୃଷିଭିତ୍ତିକ ପର୍ବ। ମାର୍ଗଶୀର ମାସରେ ମା' ଲକ୍ଷ୍ମୀଙ୍କ ପୂଜା। ପୂଜା ପରେ ଧନୁସଂକ୍ରାନ୍ତିର ଆରମ୍ଭ ହୋଇଥାଏ ପୌଷ ମାସରେ। ଏହି ଉପଲକ୍ଷେ ଘରର ଧନଦାତ୍ରୀ ଧନଲକ୍ଷ୍ମୀଙ୍କ ଠାରେ ଭୋଗରାଗ ଚଢ଼ାଯାଏ। ମାର୍ଗଶୀର ମାସକୁ ଧାନ ଅମଳ ହୋଇଥାଏ। ବାଡ଼ିରେ ପ୍ରଥମେ ଖଳାଗଦା ଆକାରରେ ଧାନ ଜମା ହୁଏ। ସେଇଠୁ ବେଙ୍ଗଳା ଓ ଅମଳ। ଏଇ ନୂଆ ଧାନକୁ ନେଇ ମାର୍ଗଶୀରରେ ମା' ଲକ୍ଷ୍ମୀଙ୍କ ପୂଜା : ମାଣବସା ଗୁରୁବାର। ପିଠାପଣାରେ ମାସଯାକ ବିଶେଷକରି ଗୁରୁବାରରେ ମହକାଉଥାଏ ଘର।

ମାର୍ଗଶୀର ଓ ପୌଷମାସରେ ଅମଳ ହୁଏ ଆଖୁ। ଆଖୁରୁ ଗୁଡ଼। ନୂଆଧାନ ଭଜାରୁ ଖଇ। ଖଇ ଓ ଗୁଡ଼ରୁ ପ୍ରସ୍ତୁତ ହୁଏ ଉଖୁଡ଼ା। ତହିଁରୁ ମୁଆଁ; ପୁଷିମୁଆଁ ବା ଧନୁମୁଆଁ। ଏହି ଧନୁମୁଆଁ ଧନୁ ସଂକ୍ରାନ୍ତି ଦିନ ଠାକୁରମାନଙ୍କଠି ଭୋଗ କରାଯାଏ। ଶ୍ରୀ ଜଗନ୍ନାଥଙ୍କଠୁ ଆରମ୍ଭ କରି ପୁରପଲ୍ଲୀର ସବୁ ଠାକୁରଙ୍କ ପାଖରେ ମୁଆଁ ଭୋଗ। ସହର ବଜାରରେ ଏହିଦିନ ବିକାଳୀମାନେ ବୁଲିବୁଲି ବିକନ୍ତି ଧନୁମୁଆଁ। ନୂଆ ଧାନର ଖଇ, ନୂଆ ଗୁଡ଼ ଏବଂ ତହିଁକି ଜୁଆଣି ଇତ୍ୟାଦି ପଡ଼ି ପ୍ରସ୍ତୁତ ଏ ମୁଆଁର ସ୍ୱାଦ ସ୍ୱତନ୍ତ୍ର।

ଧନୁସଂକ୍ରାନ୍ତି ପ୍ରବେଶ କରେ ସୂର୍ଯ୍ୟଙ୍କର ଦକ୍ଷିଣାୟନ ଗତିଥିବା ବେଳେ ଏବଂ ସରେ ଉତ୍ତରାୟଣ ଗତିର ଆରମ୍ଭ ବା ମକର ସଂକ୍ରାନ୍ତି ପ୍ରବେଶରେ। ଧନୁସଂକ୍ରାନ୍ତି ପ୍ରବେଶ ଦିନଠୁ ଶ୍ରୀ ଜଗନ୍ନାଥଙ୍କ ପହିଲିଭୋଗ ଆରମ୍ଭ ହୁଏ ଠିକ୍ ମକର ସଂକ୍ରାନ୍ତି ଯାଏଁ। ଏହି ମାସଟି ପରମ୍ପରା ଅନୁଯାୟୀ ସକଳ ହିନ୍ଦୁଦେବମନ୍ଦିରରେ ପୂଜାନୀତି ଚାଲେ।

ଧନୁମାସ ଖାଲି ଧନଲକ୍ଷ୍ମୀ ଉଦ୍ଦେଶ୍ୟରେ ନୁହେଁ। ଏହା ମଧ ବିଷ୍ଣୁବ୍ରତ ପାଇଁ ଉପବାସର ବ୍ରତ କୁହାଯାଏ। ଯେଉଁମାନେ ବିଷ୍ଣୁବ୍ରତ ଧନୁ ସଂକ୍ରାନ୍ତି ଦିନ କରନ୍ତି, ତାଙ୍କର କେଉଁଠି ଅଶେଷ କଲ୍ୟାଣ ହୁଏ। ଏହି ତିଥିରେ ଅର୍ଥାତ୍ ଧନୁସଂକ୍ରାନ୍ତି ଦିନ ନଦୀ, ସମୁଦ୍ର ଅଥବା ଜଳାଶୟମାନଙ୍କରେ ସ୍ନାନକରି ଶୁଦ୍ଧପୂତ ଚିତରେ ସୂର୍ଯ୍ୟଦେବତାଙ୍କୁ ଜଳତର୍ପଣ ପୂର୍ବକ ଉପାସନା କଲେ ଅଶେଷ ପୂଣ୍ୟହୁଏ।



ଧନୁମାସରେ ଆରମ୍ଭ ହୁଏ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା। ଏହିଯାତ୍ରା ଉପଭୋଗ କରନ୍ତି ସ୍ୱ-ଉପସ୍ଥିତି ଅଥବା ଗଣମାଧମ ବିଶେଷକରି ଦୂରଦର୍ଶନରେ କୋଟିକୋଟି ଲୋକ। ଏଯାତ୍ରା ମଧ ଓଡ଼ିଶାର ଗର୍ବ। ଧନୁଯାତ୍ରାର ବହୁପୂର୍ବରୁ ପ୍ରସ୍ତୁତିପାଇଁ ବ୍ୟସ୍ତଥାଆନ୍ତି ସରକାର, କଳାକାର ଏବଂ ବରଗଡ଼ବାସୀ ଥାଆନ୍ତି ଚଳଚ□ଳ।

ଋତୁକୁ ନେଇ କୃଷିର ପର୍ବପର୍ବାଣୀ। ଶ୍ରୀଜଗନ୍ନାଥଙ୍କୁ ନେଇ ଓଡ଼ିଆ ପରମ୍ପରା; ତାଙ୍କୁ ନେଇ ଭୋଗ, ଭୋଗ୍ୟ ଏବଂ ଉପଭୋଗ। ଏ ସବୁର ବି ମାନେ ଅଛି। ସବୁ ସ୍ୱାସ୍ଥ୍ୟକୈନ୍ଦ୍ରିକ; ବିଜ୍ଞାନସମ୍ମତ ଯାହାକି ପ୍ରକୃତି ଆମପାଇଁ ଧର୍ମ ନାଁରେ ଆଗରୁ ସଜାଡ଼ି ରଖିଛି। ଉପାସ, ବ୍ରତ, ଗୁଡ଼ ଭକ୍ଷଣ, ପ୍ରାତଃସ୍ନାନ ଏବଂ ମୁଆଁ ଇତ୍ୟାଦିରେ ଜୁଆଣି ଇତ୍ୟାଦି ହଜମକାରୀ ଖାଦ୍ୟ ପ୍ରୟୋଗ ସବୁ ସ୍ୱାସ୍ଥ୍ୟପ୍ରଦାୟକ। ସହଜେ କ୍ଳାନ୍ତ ଜୀବନକୁ ଟିକିଏ ଭୁଲିଯିବା ପାଇଁ 'ଧନୁଯାତ୍ରା' ମଧ ଏକ ମନୋରଂଜନର ମାଧମ। ଏହି କାରଣକୁ ଧନୁକୁ ଥାଏ ଅପେକ୍ଷା।

**ବିପିନବିହାରୀ ମହାନ୍ତି**
*ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିକାଶ ନଗର, କଟଣୀ, ଖୋର୍ଦ୍ଧା-୭୫୨୦୫୦,*
*ମୋ : ୯୯୩୮୩୪୪୧୩୮*




# ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ୍‌ର ବାର୍ଷିକ ଉତ୍ସବ ଓ ସୂର୍ଯ୍ୟକ୍ଷେତ୍ର ସମ୍ମାନ : ଶୁଭେନ୍ଦୁ କାନୁନ୍‌ଗୋ ପାଇଲେ ସୂର୍ଯ୍ୟକ୍ଷେତ୍ର ସମ୍ମାନ




ଭୁବନେଶ୍ୱର,(ପି.ଏନ): ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ୍ ଅଫ୍ ଏଜୁକେସନ୍ ଆଣ୍ଡ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଆଜି ଗୁରୁ କେଳୁଚରଣ ଓଡିଶୀ ଗବେଷଣା କେନ୍ଦ୍ରରେ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ୍‌ର ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ମୋହନ ଚରଣ ମାଝି ଯୋଗ ଦେଇ କହିଥିଲେ ଯେ, ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ଦେଶର କ୍ୟାନ୍ସର ସଚେତନତା ପାଇଁ କାର୍ଯ୍ୟ କରୁଛି । ତାକୁ ସମସ୍ତେ ଅନୁକରଣ କରିବା ଆବଶ୍ୟକ । ମୁଖ୍ୟବକ୍ତା ଭାବେ ଆଇଓଏଫ୍ ଏସ୍ ସ୍ପେସାଲ୍ ସେକ୍ରେଟାରୀ ଡ. ହିମାଂଶୁ ଭୂଷଣ ପଣ୍ଡା ଯୋଗ ଦେଇ କ୍ୟାନ୍ସର ଉପରେ ସଚେତନତା ସୃଷ୍ଟି କିପରି ଆହୁରି ବ୍ୟାପକ ହୋଇ ପାରିବ ସେ ବିଷୟରେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନୀତ ଅତିଥି ଭାବେ ସଂଗ୍ରାମ କେଶରୀ ପାଇକରାୟ, ବ୍ରହ୍ମକୁମାରୀ ତପସ୍ୱିନୀ, କିଶୋର ଦ୍ୱିବେଦୀ, ଏସିଆଇସି ସେକ୍ରେଟାରୀ ବିପିନ ବିହାରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସୂର୍ଯ୍ୟକ୍ଷେତ୍ର ଅନୁଷ୍ଠାନ ଓଡିଶା ସମେତ ସାରା ଦେଶରେ କ୍ୟାନ୍‌ସର ସଚେତନତା ଉପରେ କାର୍ଯ୍ୟ କରୁଛି । ମୁମ୍ବାଇଠାରେ ଥିବା ଏକ ସେଲ୍‌ଟର ହାଉସ୍‌ରେ ରୋଗୀମାନଙ୍କୁ ମାଗଣାରେ ଚିକିତ୍ସା କରାଯାଉଛି ବୋଲି ଫାଉଣ୍ଡେସନର ଅଧ୍ୟକ୍ଷ ବିପିନ ବିହାରୀ ମିଶ୍ର କହିଥିଲେ । ଏହି କାର୍ଯ୍ୟକ୍ରମରେ ସମାଜସେବୀ, ସମ୍ବାଦିକ ଓ ଯୁବଦ୍ୟୋଗୀମାନଙ୍କୁ 'ସୂର୍ଯ୍ୟକ୍ଷେତ୍ର ସମ୍ମାନ'ରେ ସମ୍ମାନୀତ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଭୂବନେଶ୍ୱରର ବରିଷ୍ଠ ଫଟୋ ସମ୍ବାଦିକ ଶ୍ରୀ ଶୁଭେନ୍ଦୁ କାନୁନ୍‌ଗୋଙ୍କୁ ବେଷ୍ଟ ଫଟୋ ସମ୍ବାଦିକ ଭାବେ ଉତରୀୟ ଓ ଏକ ବ୍ୟାଙ୍କ ଚେକ୍ ସହ ପୁଷ୍ପଗୁଚ୍ଛ ଦେଇ 'ସୂର୍ଯ୍ୟକ୍ଷେତ୍ର ସମ୍ମାନ'ରେ ସମ୍ମାନୀତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଫାଉଣ୍ଡେସନ୍‌ର ସାଧାରଣ ସମ୍ପାଦକ ଡ. ସୁକାନ୍ତ ମିଶ୍ର ଉପସ୍ଥିତ ଥିଲେ ।

## ଜୱାଦରେ ୧୩୧ ବ୍ଲକ୍ ର ୫.୭୮ ଲକ୍ଷ ହେକ୍ଟର ଚାଷ ଜମି ପ୍ରଭାବିତ

ଭୁବନେଶ୍ୱର,(ପି.ଏନ): ବାତ୍ୟା 'ଜୱାଦ' ପ୍ରଭାବରେ ବର୍ଷା ଯୋଗୁଁ ରାଜ୍ୟର ୫.୭୮ ଲକ୍ଷ ହେକ୍ଟର ଚାଷ ଜମି ପ୍ରଭାବିତ ହୋଇଛି । ପ୍ରାଥମିକ କ୍ଷୟକ୍ଷତି ରିପୋର୍ଟ ଅନୁଯାୟୀ ବାତ୍ୟା ଜନିତ ବର୍ଷା ଯୋଗୁଁ ରାଜ୍ୟର ୧୨ ଜିଲ୍ଲାର ୧୩୧ ବ୍ଲକର ଚାଷ ଜମି ପ୍ରଭାବିତ ହୋଇଛି । ପ୍ରଭାବିତ ଜିଲ୍ଲା ଗୁଡ଼ିକ ହେଲା ଗଂଜାମ, ଖୋର୍ଦ୍ଧା, ପୁରୀ, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, ମୟୂରଭଂଜ ଓ ନୟାଗଡ଼ । କେନ୍ଦ୍ରୀୟ ଆନ୍ତଃ-ମନ୍ତ୍ରଣାଳୟ ଟିମ୍ ଗତ ଦୁଇଦିନ ଧରି ଜୱାଦ୍ ବାତ୍ୟା ଓ ବର୍ଷା ପ୍ରଭାବିତ ବିଭିନ୍ନ ଅଂଚଳ ପରିଦର୍ଶନ କରିଥିଲେ । ସୋମବାର ସଂଧ୍ୟାରେ ଏହି ଟିମ୍ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନ ପ୍ରଦୀପ କୁମାର ଜେନାଙ୍କ ସହ ଲୋକସେବା ଭବନ ସଭାଗୃହରେ କ୍ଷୟକ୍ଷତି ବିଷୟ ଆଲୋଚନା କରିଥିଲେ । ଆଲୋଚନା ପରେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର କହିଥିଲେ ଯେ ଭାରତୀୟ ପାଣିପାଗ ବିଭାଗଙ୍କ ପୂର୍ବାନୁମାନ ଅନୁସାରେ କୃଷକମାନଙ୍କୁ ପାଚିଲା ଶସ୍ୟ ଓ ଉଦ୍ୟାନଜାତ ଦ୍ରବ୍ୟ କ୍ଷେତରୁ ଆଣି ନିରାପଦ ସ୍ଥାନରେ ରଖିବାକୁ ପରାମର୍ଶ ଦିଆଯାଇଥିଲା । କୃଷକମାନେ ମଧ୍ୟ ବହୁ ଚେଷ୍ଟା କରିଥିଲେ । ଏତେ କମ୍ ସମୟ ମଧ୍ୟରେ ସମସ୍ତ ଧାନ, ପନିପରିବା ଓ ଅନ୍ୟାନ୍ୟ ଖରିଫ୍ ଫସଲ ଅମଳ କରି ନିରାପଦ ସ୍ଥାନକୁ ଆଣିବା ସମ୍ଭବ ହୋଇନଥିଲା ।

# ତ୍ରୟୋଦଶ ସୂର୍ଯ୍ୟକ୍ଷେତ୍ର ସମ୍ମାନ ସମାରୋହ ଓ ବାର୍ଷିକ ଉତ୍ସବ




ଭୁବନେଶ୍ୱର,(ପି.ଏନ) : ଦେଶର ଅଗ୍ରଣୀ ସାମାଜିକ ଓ ଦାତବ୍ୟ ଅନୁଷ୍ଠାନ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନର ସମ୍ମାନ ପ୍ରଦାନ ପର୍ବ ଓ ତ୍ରୟୋଦଶ ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି । ଭୁବନେଶ୍ୱରସ୍ଥ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ଠାରେ ଆୟୋଜିତ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭାର ବିରୋଧୀ ଦଳର ଉପ ମୁଖ୍ୟ ସଚେତକ ମୋହନ ମାଝୀ ଯୋଗ ଦେଇ କହିଥିଲେ କି, ସାମାଜିକ କାର୍ଯ୍ୟ ଦ୍ୱାରା ହିଁ ସମାଜର ସାମଗ୍ରିକ ବିକାଶ ସମ୍ଭବ । ସାରା ଦେଶରେ କ୍ୟାନସର ସଚେତନତା ଦିଗରେ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନର ଜନହିତକର କାର୍ଯ୍ୟକୁ ଅନ୍ୟମାନେ ଅନୁସରଣ କରିବା ଉଚିତ ବୋଲି ଶ୍ରୀ ମାଝୀ ସୂଚାଇ ଥିଲେ । ସଭାରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଶ୍ୱ ଓଡ଼ିଶା ସମାଜର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ ଓଡ଼ିଶା ସମେତ ସମଗ୍ର ଭାରତ ବର୍ଷରେ ବିଭିନ୍ନ ପ୍ରଦେଶରେ ସୂର୍ଯ୍ୟକ୍ଷେତ୍ର ପ୍ରତିଷ୍ଠାନ ତରଫରୁ କାର୍ଯ୍ୟକାରୀ କରାଯାଉଥିବା ମାନବ ସେବା କାର୍ଯ୍ୟ ଗୁଡ଼ିକର ଭୁୟସୀ ପ୍ରଶଂସା କରିଥିଲେ । ଅନ୍ୟ ବିଶିଷ୍ଟ ଅତିଥିମାନଙ୍କ ମଧ୍ୟରେ ସାଧାରଣ ପ୍ରଶାସନ ବିଭାଗର ସ୍ୱତନ୍ତ୍ର ସଚିବ ଡଃ ହିମାଂଶୁ ଭୂଷଣ ପଣ୍ଡା, ଆଧ୍ୟାତ୍ମିକ ପ୍ରବକ୍ତା ଭୁବନେଶ୍ୱର କେନ୍ଦ୍ରର ମୁଖ୍ୟ ବ୍ରହ୍ମା କୁମାରୀ ତପସ୍ୱିନୀ, କଲିକତାର ଉତ୍କଳୀୟ ମିଳିତ ମଞ୍ଚର ସଭାପତି ରବି ମହାପାତ୍ର, ଲାୟନ ଇଂ. ବିପିନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଖ୍ୟାତ କଣ୍ଠଶିଳ୍ପୀ ଅନିନ୍ଦିତା ଦାସ ଓ ଅଭିଜିତ ମିଶ୍ରଙ୍କର ସୁମଧୁର ସଂଗୀତ ପରିବେଷଣ ପରେ ଆରମ୍ଭ ହୋଇଥିବା ସଭାକାର୍ଯ୍ୟରେ ଡଃ ଶିବ ପ୍ରସାଦ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ଅଧ୍ୟକ୍ଷ ଡଃ ବିପିନବିହାରୀ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦିକା ଡଃ ସୁକାନ୍ତି ମିଶ୍ର ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଅନୁଷ୍ଠାନର ସାମାଜିକ ସଶକ୍ତୀକରଣ କାର୍ଯ୍ୟର ଅଂଶ ରୂପେ ଭୁବନେଶ୍ୱରର ଲାଏନ୍ସ କ୍ଲବର ସହଯୋଗରେ ଦୁଇ ଜଣ ଦିବ୍ୟାଙ୍ଗ ବେଦାନ୍ତ ମହାରଣା ଓ ଦିବ୍ୟାଂଶୁ ସାମନ୍ତରାୟଙ୍କୁ ହ୍ୱିଲ୍ ଚେୟାର ପ୍ରଦାନ ସହ କେନ୍ଦୁଝର ଜିଲ୍ଲାର ଦଶ ଜଣ ମହିଳାଙ୍କୁ ସିଲେଇ ମେସିନ ପ୍ରଦାନ କରାଯାଇଥିଲା । ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୦ଜଣ ପାରଦର୍ଶୀ ବ୍ୟକ୍ତିଙ୍କୁ ସୂର୍ଯ୍ୟକ୍ଷେତ୍ର ସମ୍ମାନରେ ସମ୍ମାନିତ କରାଯିବା ସହ ଶିଶୁ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଧୀରମୋହନ ରାୟ ଧନ୍ୟବାଦ ଦେଇଥିବାବେଳେ ମିଳନ ଘଟୁଆରୀ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ସୁବୀର ବର୍ମା ଓ ସାଗରିକକ୍ଷ ବର୍ମାଙ୍କ ଦ୍ୱାରା ଇଂରାଜୀରେ ଲିଖିତ ପୁସ୍ତକ, 'ଜବ ସର୍ଚ୍ଚ ସିକ୍ରେଟସ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ସନତ ମିଶ୍ର, ମାନସ ଦାସ, ରିତା ପାତ୍ର, ପ୍ରତିଭା ପଣ୍ଡା, ମିନାକ୍ଷୀ ମିଶ୍ର, ଅସିତ୍ ମହାନ୍ତି ଏବଂ ବିବେକାନନ୍ଦ ମହାନ୍ତି ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ ।

## ସିବିଏସଇ ପ୍ରଶ୍ନପତ୍ର ନାରୀ ସ୍ୱାଧୀନତା ପ୍ରତି ତାଚ୍ଛଲ୍ୟ ଭାରତର ନାରୀସମାଜ ଏହାର ପ୍ରତିବାଦ କରିବା ଉଚିତ୍ : ସମାଜବାଦୀ ପାର୍ଟି

ଭୁବନେଶ୍ୱର, (ପି.ଏନ): ସିବିଏସ୍‌ଇର ପ୍ରଶ୍ନପତ୍ର ନାରୀ ସମାଜ ପ୍ରତି ଅପମାନ । ନାରୀ ସ୍ୱାଧୀନତାକୁ ତାଚ୍ଛଲ୍ୟ କରିବା ସଙ୍ଗେ ସଙ୍ଗେ ଏକ ରୁଢ଼ିବାଦୀ ମାନସିକତାର ପ୍ରତିଫଳନ ବୋଲି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ କୁହାଯାଇଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଆଜି ଏକ ପ୍ରେସ୍ ବିବୃତିରେ ଏହାକୁ ତୀବ୍ର ନିନ୍ଦା କରିବା ସଙ୍ଗେ ସଙ୍ଗେ ତୁରନ୍ତ ଏଥିପାଇଁ ସିବିଏସ୍‌ଇ କର୍ତ୍ତୃପକ୍ଷ ଭାରତର ନାରୀ ସମାଜକୁ କ୍ଷମା ମାଗିବା ଦରକାର ଓ ଏହି ପ୍ରଶ୍ନପତ୍ର ତିଆରି କରିଥିବା କର୍ମକର୍ତ୍ତାଙ୍କ ବିରୁଦ୍ଧରେ ଶିକ୍ଷା ବିଭାଗ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଶ୍ରୀ ବେହେରା ଦାବି କରିଛନ୍ତି । 'ନାରୀ ସ୍ୱାଧୀନତା ଯୋଗୁଁ ସମାଜ ବିଶୃଙ୍ଖଳିତ ହେଉଛି, ପରିବାରରେ ପିଲାମାନେ ବାଟ ହୁଡୁଛନ୍ତି ଓ ବାପମାଆଙ୍କୁ ଅବଜ୍ଞା ପ୍ରଦର୍ଶନ କରୁଛନ୍ତି' ଭଳି ଅତ୍ୟନ୍ତ ଅରୁଚିକର ରୁଢ଼ିବାଦୀ ମାନସିକତାକୁ ନେଇ ଏଭଳି ପ୍ରଶ୍ନ କରିବା ନାରୀ, ପୁରୁଷ ଭିତରେ ପ୍ରଭେଦର ପାଚେରୀ ଠିଆ କରିବା ସଙ୍ଗେ ସଙ୍ଗେ ନାରୀ ସମାଜର ସ୍ୱାଭିମାନ ଉପରେ ଆଂଚ ଆଣିଛି ।

# ନବନିଯୁକ୍ତ ଆଇପିଓମାନଙ୍କୁ ଦିଶାନିର୍ଦ୍ଦେଶ ତାଲିମ କାର୍ଯ୍ୟକ୍ରମ ଆରମ୍ଭ

ଭୁବନେଶ୍ୱର, (ପି.ଏନ): ଗୋପବନ୍ଧୁ ପ୍ରଶାସନିକ ଏକାଡେମୀଠାରେ ନୂତନ ଭାବେ କାର୍ଯ୍ୟରେ ଯୋଗଦେଇଥିବା ୪୭ ଜଣ ଶିଳ୍ପ ବିକାଶ ଅଧିକାରୀ (ଆଇପିଓ)ମାନଙ୍କ ନିମନ୍ତେ ସୋମବାରଠାରୁ ଦିଶାନିର୍ଦ୍ଦେଶ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ୫ ଦିନ ଧରି ଚାଲିବାକୁ ଥିବା ଏହି ତାଲିମର ପ୍ରଥମ ଦିନର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଳ୍ପ, ଶକ୍ତି, ଏମ୍‌ଏସ୍‌ଏମ୍‌ଇ, ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର ନବନିଯୁକ୍ତ ଅଧିକାରୀମାନଙ୍କୁ ନମ୍ରତାର ସହ ଲୋକଙ୍କ ପାଇଁ କାର୍ଯ୍ୟ କରିବାକୁ କହିଥିଲେ । ଲୋକଙ୍କୁ କର୍ମନିଯୁକ୍ତି ଯୋଗାଇବା ସହ ରାଜ୍ୟର ଅର୍ଥନୀତିକୁ ସୁଦୃଢ଼ କରିବାରେ ଏମ୍‌ଏସ୍‌ଏମ୍‌ଇର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ହେତୁ ସେ ତୃଣମୂଳ ସ୍ତରରେ ଆପଣମାନେ ଏହି ବିଭାଗର କାର୍ଯ୍ୟଧାରାକୁ ଆହୁରି ଅଧିକ ଗତିଶୀଳ କରିବାରେ ସହାୟକ ହୋଇପାରିବେ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ପ୍ରତିଟି କ୍ଷେତ୍ରରେ ଆଗୁଆ କରି ୧ ନମ୍ବର ସ୍ଥାନରେ ରଖିବାକୁ ଚାହୁଁଥିବାରୁ ନିଜ କର୍ମକ୍ଷେତ୍ରରେ କର୍ମତତ୍ପରତା ପ୍ରଦର୍ଶନ କରିବାକୁ ହେବ ବୋଲି ସେ କହିଥିଲେ । ବିଶେଷ ଭାବେ ସରକାରଙ୍କ ୫-'ଟି' ଓ 'ମୋ ସରକାର'ର ତାତ୍ପର୍ଯ୍ୟକୁ ଏହି ତାଲିମ ମାଧ୍ୟମରେ ହୃଦୟଙ୍ଗମ କରି ନିଜର କର୍ତ୍ତବ୍ୟ ସଂପାଦନ କଲେ ନିଶ୍ଚିତ ସଫଳତା ମିଳିବ ବୋଲି ସେ ଦର୍ଶାଇଥିଲେ । ପାଂଚଦିନିଆ ତାଲିମରେ ଏହି ଅଧିକାରୀମାନଙ୍କୁ ଜିଲ୍ଲା ଶିଳ୍ପ କେନ୍ଦ୍ର, ଆଂଚଳିକ ଶିଳ୍ପ କେନ୍ଦ୍ର, ଗୁଡ୍ ଗଭର୍ଣ୍ଣାନ୍ସ, ଇ-ଗଭର୍ଣ୍ଣାନ୍ସ, ସର୍ଭିସ୍ କୋଡ୍, ପ୍ରଶାସନିକ ନୈତିକତା, ଜିଲ୍ଲା ଶିଳ୍ପ ପ୍ରୋତ୍ସାହନ ସଂସ୍ଥା (ଦୀପା), ରପ୍ତାନୀ ପ୍ରୋତ୍ସାହନ ସମେତ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ସ୍କିମ୍ ସମ୍ବନ୍ଧରେ ଅବଗତ କରାଯିବ । ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ, ଅଭିଜ୍ଞ ଶିଳ୍ପ ଅଧିକାରୀ ତଥା ସରକାରଙ୍କ ବରିଷ୍ଠ ଅଧିକାରୀଗଣ ତାଲିମ ପ୍ରଦାନ କରିବେ । ଉଦ୍‌ଯାପନୀ ଦିବସ ଡିସେମ୍ବର ୧୮ ତାରିଖରେ ମୁଖ୍ୟମନ୍ତ୍ରୀ ଏହି ନବନିଯୁକ୍ତ ଅଧିକାରୀମାନଙ୍କୁ ମାର୍ଗଦର୍ଶନ ଦେବାର କାର୍ଯ୍ୟକ୍ରମ ରହିଛି । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ଶିଳ୍ପ ନିର୍ଦ୍ଦେଶକ ମହମ୍ମଦ ସାଦିକ୍ ଆଲାମ୍ ସଂଚାଳନ କରିଥିବାବେଳେ ଅତିରିକ୍ତ ଶାସନ ସଚିବ ଉଦୟ ନାରାୟଣ ଦାସ, ଅତିରିକ୍ତ ଶିଳ୍ପ ନିର୍ଦ୍ଦେଶକ ଏସ୍.କେ. ହୋତା, ଏକାଡେମୀର ଯୁଗ୍ମ କମିଶନର ତଥା ପାଠ୍ୟକ୍ରମ ନିର୍ଦ୍ଦେଶକ ଡ.ପ୍ରଦୀପ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଇଞ୍ଜିନିୟର ଦିବସ ଆଲିଗ୍ରେଟୋ-୨୧ ଅନୁଷ୍ଠିତ

ଭୁବନେଶ୍ୱର, (ପି.ଏନ): ବିପିୟୁଟି ଛାତ୍ର ସଂଘ ତରଫରୁ ସ୍ଥାନୀୟ ଉତ୍କଳ ମଣ୍ଡପ ଠାରେ ଇଞ୍ଜିନିୟର ଦିବସ 'ଆଲିଗ୍ରେଟୋ-୨୧' ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇ ଯୋଗଦେଇ କହିଲେ ଯେ, ଆଜିର ଛାତ୍ର କାଲିର ଭବିଷ୍ୟତ । ରାଷ୍ଟ୍ର ନିର୍ମାଣରେ ଇଞ୍ଜିୟରମାନେ ଜଣେ ଜଣେ ବିଶ୍ୱକର୍ମା । ଦେଶ ତଥା ରାଜ୍ୟର ପ୍ରଗତି ଦିଗରେ ସେମାନଙ୍କ ଅବଦାନ ଅତୁଳନୀୟ ବୋଲି ସେ କହିଥିଲେ । ସମ୍ମାନିତ ଅତିଥି ଭାବେ ଭଣ୍ଡାରୀପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇ କହିଲେ ଯେ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ଶାସନଭାର ଗ୍ରହଣ କରିବା ପରଠାରୁ ଇଞ୍ଜିନିୟରମାନଙ୍କୁ ପ୍ରାଧାନ୍ୟ ଦେଇ ଆସିଛନ୍ତି । ତେଣୁ ଓଡ଼ିଶାରେ ଏକ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ମୁଖ୍ୟମନ୍ତ୍ରୀ ସଂକଳ୍ପ ନେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ରେଢାଖୋଲ ବିଧାୟକ ତଥା ବିଜୁ ଜନତା ଦଳର ଉପମୁଖ୍ୟ ସଚେତକ ରୋହିତ ପୂଜାରୀ ଯୋଗଦେଇ କହିଲେ ଯେ, ଇଞ୍ଜିନିୟରମାନଙ୍କୁ ପ୍ରତ୍ୟେକ ସ୍ତରରେ ଗୁରୁତ୍ୱ ଦେଲେ ରାଜ୍ୟର ପ୍ରଗତି ଦ୍ରୁତଗତିରେ ଆଗେଇ ଚାଲିବ । ବିପିୟୁଟି ଛାତ୍ରସଂଘର ମୁଖ୍ୟ ସଂଗଠକ ଇଂ ଶକ୍ତିପ୍ରସାଦ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବିଜୁ ଯୁବ ଛାତ୍ରଜନତା ଦଳର କର୍ମକର୍ତ୍ତାଙ୍କ ସହ ବିପିୟୁଟିର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ ।

# ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ନିମନ୍ତେ 'ମିଶନ ଶକ୍ତି-ଲିଭିଂ ଲ୍ୟାବ୍' ପ୍ରକଳ୍ପର ଶୁଭାରମ୍ଭ

ଭୁବନେଶ୍ୱର, (ପି.ଏନ): ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ଏବଂ ୟୁନାଇଟେଡ୍ ନେସନ୍ସ କ୍ୟାପିଟାଲ୍ ଡେଭ୍‌ଲପ୍‌ମେଂଟ ଫଣ୍ଡ (ୟୁଏନ୍‌ସିଡ଼ିଏଫ୍) ଜାତିସଂଘ ପୁଂଜିବିକାଶ ପାଣ୍ଠି ମଧ୍ୟରେ ସୋମବାର ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହେବା ସହ 'ମିଶନ ଶକ୍ତି-ଲିଭିଂ ଲ୍ୟାବ୍' ପ୍ରକଳ୍ପର ଶୁଭାରମ୍ଭ ହୋଇଛି । ମହିଳାମାନଙ୍କୁ ଆର୍ଥିକ ଦୃଷ୍ଟିକୋଣରୁ ସଶକ୍ତ କରିବା ଏବଂ ଲିଙ୍ଗଗତ ସମାନତାକୁ ଦୃଢ଼ୀଭୂତ କରିବା ଦିଗରେ ଓଡ଼ିଶା ରାଜ୍ୟ ସରକାର ଏବଂ ୟୁଏନ୍‌ସିଡ଼ିଏଫ୍ ର ଏହା ଏକ ସମ୍ମିଳିତ ପ୍ରୟାସ । ଏହି ଚୁକ୍ତିପତ୍ରରେ ସ୍ୱାକ୍ଷର କରିବା ଅବସରରେ ମିଶନ ଶକ୍ତିର କମିଶନର ତଥା ଶାସନ ସଚିବ ଶ୍ରୀମତୀ ସୁଜାତା ଆର. କାର୍ତିକେୟନ୍ କହିଛନ୍ତି, ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ଏକାନ୍ତ ଆବଶ୍ୟକ ଏବଂ ଏହି ଚୁକ୍ତିନାମା ଫଳରେ ମହିଳାମାନେ ନୂତନ ଜ୍ଞାନକୌଶଳ ବ୍ୟବହାର କରିବା ପାଇଁ ଆମେ ଲକ୍ଷ୍ୟ ରଖିଛୁ ଓ ସେମାନେ ଅଧିକ ଉପାର୍ଜନକ୍ଷମ ହୋଇପାରିବେ ବୋଲି ଆମେ ଆଶାବାଦୀ । ମହିଳାମାନଙ୍କ ଆୟବୃଦ୍ଧି ଏବଂ ଆର୍ଥିକ ସ୍ୱଚ୍ଛଳତାକୁ ସୁନିଶ୍ଚିତ କରିବା ଦିଗରେ ମିଶନ ଶକ୍ତି ଏବଂ ୟୁଏନ୍‌ସିଡିଏଫ୍ ର ଆର୍ଥିକ ସହଭାଗିତା ସମୟୋଚିତ ଏବଂ ଅତି ମହତ୍ୱପୂର୍ଣ୍ଣ । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ୟୁଏନ୍‌ସିଡିଏଫ୍‌ର ଇନ୍‌କ୍ଲୁସିଭ୍ ଡିଜିଟାଲ୍ ଇକୋନୋମି ପ୍ରାକଟିସେସ୍ ର ନିର୍ଦ୍ଦେଶକ ହେନେରୀ ଡୋମେଲ କହିଥିଲେ, 'ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ଦିଗରେ ମହିଳାମାନଙ୍କ ଆର୍ଥିକ ନିରାପତା ଏବଂ ଆର୍ଥିକ ସ୍ୱାଧୀନତା ବୃଦ୍ଧି ପାଇଁ ନୂତନ ଜ୍ଞାନକୌଶଳ ଏବଂ ଭିତିଭୂମିର ବ୍ୟବହାରରେ ଏହା ସହାୟକ ହେବ । ମହିଳାମାନଙ୍କ ଉପରେ ଅଧିକ ଧ୍ୟାନ ଦିଆଗଲେ ହିଁ ମହିଳାମାନଙ୍କ ଉପରେ କୋଭିଡ୍-୧୯ର ସାମାଜିକ ଏବଂ ଆର୍ଥିକ ପ୍ରଭାବକୁ ବହୁ ପରିମାଣରେ ହ୍ରାସ କରାଯାଇପାରିବ । ନିଜର ଆର୍ଥିକ କେନ୍ଦ୍ର ଜରିଆରେ ୟୁଏନ୍‌ସିଡିଏଫ୍ ମିଶନ ଶକ୍ତି ସହ ଯୋଡ଼ି ହେବାରେ ଗର୍ବ ଅନୁଭବ କରୁଛି । ଏହି ସହଭାଗିତା ମହିଳାମାନଙ୍କ ଦ୍ୱାରା ପରିଚାଳିତ ସଂସ୍ଥାଗୁଡ଼ିକର ଆର୍ଥିକ କ୍ଷମତାକୁ ଦୃଢ଼ୀଭୂତ କରିବ । 'ମିଶନ ଶକ୍ତି-ଲିଭିଂ ଲ୍ୟାବ୍' ଅଭିନବ ଡିଜିଟାଲ୍ ମାଧ୍ୟମଗୁଡ଼ିକୁ ସଂପ୍ରସାରିତ କରିବା ସହ ମହିଳାମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ ପାଇଁ ଏକ ନିରନ୍ତର ବଜାର ସୃଷ୍ଟି କରିବାରେ ସହାୟକ ହେବ । ଆର୍ଥିକ ନିରାପତା ହାସଲ ଦିଗରେ ମହିଳାମାନଙ୍କ ନିମନ୍ତେ ଥିବା ପ୍ରତିବନ୍ଧକକୁ ଦୂରୀଭୂତ କରିବା, ଆର୍ଥିକ ସ୍ୱାଧୀନତା ହାସଲ କରିବା ସହ ଡିଜିଟାଲ୍ ଜ୍ଞାନକୌଶଳର ପ୍ରୟୋଗରେ ଇ-ବ୍ୟବସାୟ କାରବାରକୁ ଆହୁରି ବ୍ୟାପକ କରିବା ଦିଗରେ ଏହି ସହଭାଗିତା ଯଥେଷ୍ଟ ସହାୟକ ହେବ ।

# ରାପିଡୋ ପକ୍ଷରୁ ଆପ୍ ଆଧାରିତ ଅଟୋ ବୁକିଙ୍ଗ ସେବା 'ରାପିଡୋ ଅଟୋ'ର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ବୃହତମ ବାଇକ ଟାକ୍ସି ପ୍ଲାଟଫର୍ମ, ରାପିଡୋ ପକ୍ଷରୁ ଭାରତର ୧୦ଟି ରାଜ୍ୟର ୧୪ଟି ସହରରେ ଏହାର ରାପିଡୋ ଅଟୋ ସେବାର ଶୁଭାରମ୍ଭ କରାଯାଇଛି । ଏହି ସେବା ଯାତ୍ରୀମାନଙ୍କୁ ନିଜ ଘରର ଆରାମ ଏବଂ ସୁରକ୍ଷା ମଧ୍ୟରେ ରହି ସେମାନଙ୍କ ଦୈନନ୍ଦିନ ଯାତ୍ରା ପାଇଁ ଅଟୋ ବୁକ୍ କରିବାର ଅନୁମତି ଦେବ । ଏହି ସେବା ସର୍ବନିମ୍ନ ସୁବିଧା ଦେୟ ସହିତ ମିଟର ମୂଲ୍ୟରେ ଉପଲବ୍ଧ ହେବ । ୨୦୨୦ ଶେଷ ସୁଦ୍ଧା କମ୍ପାନୀ ଏହି ଅଟୋ ସେବାକୁ ଭାରତର ୫୦ଟି ସହରକୁ ସଂପ୍ରସାରିତ କରିବା ପାଇଁ ଲକ୍ଷ ରଖିଛି । ଏହା ହେଉଛି ଶୁଭାରମ୍ଭର ପ୍ରଥମ ପର୍ଯ୍ୟାୟ ଏବଂ ଏପର୍ଯ୍ୟନ୍ତ ରାପିଡୋ ୨୦,୦୦୦ ଅଟୋ କ୍ୟାପ୍‌ଟେନମାନଙ୍କୁ (ଚାଳକ-ସହଯୋଗୀ) ଅନ୍ତର୍ଭୁକ୍ତ କରିସାରିଛି । ଏହା ଆଗାମୀ ୬ ମାସ ମଧ୍ୟରେ ଅଧା ମିଲୟନ କ୍ୟାପ୍‌ଟେନଙ୍କୁ ସାମିଲ କରିବାର ଲକ୍ଷ ରଖିଛି । ଇଚ୍ଛୁକ ଅଟୋ




ଚାଳକମାନେ ରାପିଡୋ କ୍ୟାପ୍‌ଟେନ ଆପ୍ କିମ୍ବା ରାପିଡୋ ହେଲ୍‌ପଲାଇନ୍ ନମ୍ବରରେ ଯୋଗାଯୋଗ କରି ନିଜେ ଏହି ସେବାରେ ସାମିଲ ହୋଇପାରିବେ । ରାପିଡୋ ଅଟୋର ଶୁଭାରମ୍ଭ ସମ୍ପର୍କରେ ରାପିଡୋର ସହ ପ୍ରତିଷ୍ଠାତା ଶ୍ରୀ ଅରବିନ୍ଦ ଶଙ୍କା କହିଛନ୍ତି ଯେ, "ଏହି ରାପିଡୋ ଅଟୋ ଜରିଆରେ ଆମେ ଯାତ୍ରୀମାନଙ୍କୁ ଆମର ବାଇକ ସେବା ବ୍ୟତୀତ ସେମାନଙ୍କ ଦୈନନ୍ଦିନ ଯାତ୍ରା ପାଇଁ ଅନ୍ୟ ଏକ ସୁଲଭ ଏବଂ ସୁରକ୍ଷିତ ବିକଳ୍ପ ଯୋଗାଇଦେବାର ଲକ୍ଷ ରଖିଛୁ, ଯାହା ପରିଚାଳନା ଏବଂ ମୂଲ୍ୟ ନିର୍ଦ୍ଧାରଣରେ ମୂଲ୍ୟଯୁକ୍ତ ଅଟେ ।" ରାପିଡୋ ଅଟୋ ସୁବଠାରୁ ସୁଲଭ ଏବଂ ଆନ୍ତଃ ସହର ଯାତାୟାତ ବିକଳ୍ପରେ ସୁରକ୍ଷା ଅଂଶକୁ ସାମିଲ କରିବ । ପ୍ରତ୍ୟେକ ରାପିଡୋ ଅଟୋ ରାପିଡୋର ଜିପିଏସ ଟେକ୍ନୋଲୋଜିରେ ସମୃଦ୍ଧ ରହିବ । ରାପିଡୋ ଅଟୋ ଜରିଆରେ ବ୍ୟବହାରକାରୀମାନେ ସେମାନଙ୍କ ଭ୍ରମଣକୁ ନିଜର ପ୍ରିୟଜନଙ୍କ ସହିତ ରିୟଲ ଟାଇମ ମଧ୍ୟରେ ଟ୍ରାକ ଏବଂ ସେୟାର କରିବାକୁ ସକ୍ଷମ ହେବେ । ଯାତ୍ରୀମାନଙ୍କ ପାଇଁ ଏକ ସୁରକ୍ଷିତ ଏବଂ ଅନୁରୂପ ଅଭିଜ୍ଞତାକୁ ସୁନିଶ୍ଚିତ କରିବା ଲାଗି ରାପିଡୋ ବାଇକ ଟାକ୍ସି ଗୁଡ଼ିକ ଭଳି ରାପିଡୋ ଅଟୋରେ ମଧ୍ୟ ଏକ ଇନ-ଆପ ଫିଡବ୍ୟାକ ମେକାନିଜିମ ରହିବ । ଗ୍ରାହକ ଏବଂ କ୍ୟାପ୍‌ଟେନମାନଙ୍କୁ ସୁରକ୍ଷା ଦେବା ପାଇଁ ମାନଦଣ୍ଡଗୁଡ଼ିକର ଅନୁସରଣ କରିବା ଏବଂ ସୁରକ୍ଷା ବଜାୟ ରଖିବା ଦିଗରେ ନିକଟରେ ରାପିଡୋ ପକ୍ଷରୁ ବାଇକ ଟାକ୍ସି ରାଇଡ ପାଇଁ ଅଭିନବ ସୁରକ୍ଷା ବ୍ୟାକ ସିଲ୍ଡ ସମେତ ଅନେକ ପଦକ୍ଷେପର ଘୋଷଣା କରାଯାଇଛି ।

# ଟି୨୦ ସିଜନ୍‌ରେ ଭାରତର 'ରିଅଲ୍ ହିରୋ'ଙ୍କୁ ରୟାଲ ଚ୍ୟାଲେଞ୍ଜ ସ୍ପୋର୍ଟସ୍ ଡ୍ରିଙ୍କ୍‌ର ସାଲ୍ୟୁଟ୍

ଭୁବନେଶ୍ୱର: ଚଳିତ ବର୍ଷ ଆରମ୍ଭରୁ ଜୀବନର ଅର୍ଥ ବଦଳିଯାଇଛି । ସାଧାରଣ ଲୋକ ଆଗଧାଡ଼ିର ଯୋଦ୍ଧାରେ ପରିଣତ ହୋଇଛନ୍ତି ଯେଉଁମାନେ ମହାମାରୀର ଅପ୍ରତ୍ୟାଶିତ ସମୟରେ ନିଜ କର୍ତବ୍ୟରୁ ଆଗକୁ ବଢି କାର୍ଯ୍ୟ କରିଛନ୍ତି । ଏହି 'ବାସ୍ତବ ଚ୍ୟାଲେଞ୍ଜରମାନଙ୍କୁ' ସାଲ୍ୟୁଟ୍ ଜଣାଇବା ପାଇଁ ରୟାଲ ଚ୍ୟାଲେଞ୍ଜ ସ୍ପୋର୍ଟସ୍ ଡ୍ରିଙ୍କ୍, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସହିତ ଏକତ୍ରିତ ହୋଇଛି । ସାମ୍ପ୍ରତିକ ପରିସ୍ଥିତିରେ ଅସହାୟଙ୍କୁ ସହଯୋଗ ପାଇଁ ନିସ୍ୱାର୍ଥପର ଭାବେ କାମ କରିଥିବା ଭାରତର ଏହି ପ୍ରକୃତ ଚ୍ୟାଲେଞ୍ଜର୍‌ମାନଙ୍କର ହୃଦୟସ୍ପର୍ଶୀ, ବୀରତ୍ୱର କାହାଣୀ ସହିତ ଏହି ଅଭିଯାନ ଲକ୍ଷ ଲକ୍ଷ ଲୋକଙ୍କୁ ଏହି ବିଚାରଧାରାକୁ ଆପଣାଇବା ଏବଂ ନିଜ ମଧ୍ୟରେ ପ୍ରକୃତ ଚ୍ୟାଲେଞ୍ଜରର ହେବା ପାଇଁ ଅନୁପ୍ରାଣିତ କରିବ । ଏହି ଅଭିଯାନ ଏକ ଟିଭିସି ସହିତ ଲାଇଭ୍ ପ୍ରସାରିତ ହେଉଛି ଯେଉଁଥିରେ ବିରାଟ କୋହଲି, ଏବି ଡେଭିଲିୟର୍ସ ଓ ୟୁଜ୍‌ବେନ୍ଦ୍ର ଚହଲ୍ ଗର୍ବର ସହିତ ଏହି ହିରୋମାନଙ୍କ କାହାଣୀ ବର୍ଣ୍ଣନା କରିଛନ୍ତି, ଯେଉଁମାନେ ଏଭଳି ଆହ୍ୱାନପୂର୍ଣ୍ଣ ସମୟରେ ନିଜର ଅବଦାନ ଦେଉଛନ୍ତି । ଆମ ଦେଶର ଗଭୀରତାରେ ସଂସ୍କୃତିର ବିବିଧତା ସହିତ ବିଭିନ୍ନ କ୍ଷେତ୍ର ହିରୋମାନେ ଭାଇଚାରା ଓ ମାନବଜାତିର ସମର୍ଥନରେ ନିଜ ସୀମାକୁ ଭାଙ୍ଗି ସାହସର ପ୍ରଦର୍ଶନ କରିଛନ୍ତି । ଭୁବନେଶ୍ୱରର ନିବାସୀ ଏଭଳି ଜଣେ ହିରୋ ହେଉଛନ୍ତି ନିଳାଚଳ ପରିଡା (୨୫ ବର୍ଷ), ଯିଏକି ହେଉଛନ୍ତି ଜଣେ ଜାତୀୟ ସ୍ତରୀୟ ପର୍ବତାରୋହୀ । ଏକ ପୂର୍ବ ନିର୍ଦ୍ଧାରିତ ୟୁରୋପିୟ ଅଭିଯାନକୁ ବାତିଲ କରିବା ପରେ ସେ ନିଜର ସମୟ ଓ ପ୍ରୟାସକୁ ମହାମାରୀ ସମୟରେ ସାହାଯ୍ୟ ଆବଶ୍ୟକ କରୁଥିବା ଅସହାୟ ଲୋକଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରିବାରେ ବିନିଯୋଗ କରିବାକୁ ନିଷ୍ପତି ନେଇଥିଲେ । ନିଜ ବନ୍ଧୁମାନଙ୍କ ସହଯୋଗରେ ନିଳାଚଳ ପନିପରିବା ବିକ୍ରି କରିବା, ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଥିବା ବରିଷ୍ଠ ନାଗରିକଙ୍କ ପାଇଁ ମାଗଣା ହୋମ୍ ଡେଲିଭରିର ବିକଳ୍ପ ପ୍ରଦାନ କରିବା ଲାଗି ଏକ ମେକ୍‌ସିଫ୍ଟ ହଟ୍ ସ୍ଥାପନ କରିଥିଲେ । ଏହି କାର୍ଯ୍ୟ ସହରର ବରମୁଣ୍ଡା ଅଂଚଳର ନିବାସୀମାନଙ୍କୁ ଅନେକ ସାହାଯ୍ୟ କରିଥିଲା ଏବଂ ନିଜର ମୂଲ୍ୟବାନ ଅବଦାନ ପାଇଁ ତାଙ୍କୁ ପ୍ରଶଂସା କରାଯାଇଥିଲା ।

# ଚଳିତ ପାର୍ବଣ ଋତୁରେ ଭାରତ ସହିତ ଇଣ୍ଡିଆକୁ ଯୋଡିଛି ଇକମର୍ସ

ଭୁବନେଶ୍ୱର : ଚଳିତ ପାର୍ବଣ ଋତୁରେ ଫ୍ଲିପ୍‌କାର୍ଟ ଗ୍ରାହକଙ୍କ ପାଇଁ ମୂଲ୍ୟ ଏବଂ ସେଲର୍, ଏମ୍‌ଏସ୍‌ଏମ୍‌ଇ ଓ କାରିଗରମାନଙ୍କ ପାଇଁ ପ୍ରଗତି ଓ ଅଭିବୃଦ୍ଧିକୁ ପରିଚାଳନା କରିବା ନେଇ ନିଜର ପ୍ରତିଶ୍ରୁତି ଉପରେ ଧ୍ୟାନ କେନ୍ଦ୍ରିତ କରିଛି । ବିଗ୍ ବିଲିୟନ ଡେଜ୍ ସେଲ୍‌ର ପ୍ରଥମ ଦିନରେ ଭାରତ କିଭଳି ଦ୍ରୁତ ଗତିରେ ଡିଜିଟାଇଜେଶନକୁ ଗ୍ରହଣ କରୁଛି ତାହାକୁ ଦର୍ଶାଉଥିବା କିଛି ପ୍ରାରମ୍ଭିକ ସୂଚକ ସମ୍ପର୍କରେ ଏଠାରେ ଉଲ୍ଲେଖ କରାଯାଇଛି । ବିଭିନ୍ନ ବର୍ଗରେ ଟିୟର ୩ ସହରଗୁଡିକରୁ ୫୦% ନୂତନ ଗ୍ରାହକ ଆସିଛନ୍ତି । ହୋମ୍ କ୍ୟାଟାଗୋରୀ ନୂତନ ଗ୍ରାହକଙ୍କ କ୍ଷେତ୍ରରେ ୫୩% ବୃଦ୍ଧି ଦେଖିବାକୁ ପାଇଥିବା ବେଳେ ବୃହତ୍ ଆପ୍ଲାଏନ୍ସେସ୍ ଓ ବିଜିଏମ୍ (ବିୟୁଟି ଆଣ୍ଡ ଜେନେରାଲ ମର୍ଚ୍ଚାଣ୍ଡାଇଜ୍) କ୍ଷେତ୍ରରେ ନୂତନ ଗ୍ରାହକଙ୍କ ସଂଖ୍ୟାରେ ପ୍ରତ୍ୟେକ ପାଖାପାଖି ୫୦% ବୃଦ୍ଧି ଦେଖିଛନ୍ତି ଏବଂ ଏସମସ୍ତ ଗ୍ରାହକ ଟିୟର ୩ ସହରର ଅଟନ୍ତି । ଏମ୍‌ଏସ୍‌ଏମ୍‌ଇଗୁଡିକ ଚଳିତ ପାର୍ବଣ ଋତୁରେ ଟିୟର ୨ ସହର ଓ ଏହା ବାହାରର ସେଲର୍‌ଙ୍କ ସହିତ ପୁଣିଥରେ ବିକାଶପଥକୁ ଫେରିଛନ୍ତି ଏବଂ ଇକମର୍ସରେ ଅଭିବୃଦ୍ଧି ହାସଲ କରିଛନ୍ତି । ସ୍ଥାନୀୟ ଏମ୍‌ଏସ୍‌ଏମ୍‌ଇଗୁଡିକ ଦେଶବ୍ୟାପୀ ୨୫,୫୦୦ରୁ ଅଧିକ ପିନ୍‌କୋଡ୍‌ରୁ ଚାହିଦା ଆସୁଥିବାର ଲକ୍ଷ୍ୟ କରିଛନ୍ତି । ଚଳିତ ବିବିଡିରେ ୧୬୭ଟି ନୂତନ ସହରର ସେଲର୍ ଇକମର୍ସରେ ଯୋଗ ଦେଇଛନ୍ତି । ୬୦% ସେଲର୍ ତାଲଚେର, ଭେଲୁର, ସୋହାଗପୁର, ସିନ୍ଦି ଆଦି ଛୋଟ ସହରଗୁଡିକ ସମେତ ଟିୟର ୨ ସହର ଓ ଏହା ବାହାରେ ବାସ କରୁଛନ୍ତି । ଶୀର୍ଷ ପ୍ରଦର୍ଶନ କରୁଥିବା ଟିୟର ୨ ସେଲର୍ ସହରଗୁଡିକ ମଧ୍ୟରେ ଜୟପୁର, ସୁରଟ ଓ ପାନିପତ୍‌ର ସେଲର ସାମିଲ ଅଛନ୍ତି । ପ୍ରିପେଡ୍ ଟ୍ରାଞ୍ଜାକ୍ସନ କ୍ଷେତ୍ରରେ ୭୫% ବୃଦ୍ଧି ସହିତ ଡିଜିଟାଲ ଇଣ୍ଡିଆ ପ୍ରତି ଏକ ଉଲ୍ଲେଖନୀୟ ପରିବର୍ତନ ହୋଇଛି, ଯାହାକି ଡିଜିଟାଲ ପେମେଂଟ୍ ପାଇଁ ଏକ ଶକ୍ତିଶାଳୀ ଅନୁମୋଦନକୁ ଦର୍ଶାଉଛି । କାରଣ ଉପଭୋକ୍ତାମାନେ କ୍ରୟ ସମୟରେ ସାମାଜିକ ଦୂରତା ବଜାୟ ରଖିବା ଜାରି ରଖିଛନ୍ତି । ପାର୍ବଣ ଉତ୍ସାହକୁ ବଜାୟ ରଖିବା ଲାଗି ଇଏମ୍‌ଆଇ ବିକଳ୍ପଗୁଡିକ ଏକ ଭଲ ଟ୍ରିଗର୍ ଭାବେ କାର୍ଯ୍ୟ କରିଛି ।




# ହାଇଦ୍ରାବାଦରେ ଦାଦନ ଶ୍ରମିକଙ୍କ ମୃତ୍ୟୁ, ଥାନାରେ ମାମଲା

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାରେ ପୁଣି ଜଣେ ଦାଦନ ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏନେଇ ମୃତ ଦାଦନ ଶ୍ରମିକଙ୍କ ଭାଇ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସୂଚନାମତେ ଖଡିଆଳ ବ୍ଲକ ରାଣିମୁଣ୍ଡା ଗ୍ରାମର ମନୋଜ ହିଆଲ ନାମକ ଯୁବକ ଚଳିତ ମାସ ୫ ତାରିଖ ଦିନ ହଇଦ୍ରାବାଦକୁ ଦାଦନ ଖଟିବାକୁ ବାହାରିଥିଲେ । ସେ ଗତ ୭ ତାରିଖ ଦିନ ହାଇଦ୍ରାବାଦର ଇନ୍ଦ୍ରମପାଟନମ ଥାନା ସ୍ଥିତ ପିଟୁଲା ଗ୍ରାମରେ ଥିବା ଇଟାଭାଟିରେ ପହଂଚିଥିଲେ । ଦାଦନ ମାଲିକ ଏଙ୍କେଟେସ ମନୋଜ ହିଆଲଙ୍କୁ ପ୍ରଥମେ ଟ୍ରେନରେ ଟିକେଟ କାଟି ଦେଇ ପହଂଚିଲା ପରେ ୬୦ ହଜାର ଟଙ୍କା ଦେବାକୁ ପ୍ରତିଶୃତି ଦେଇଥିଲେ । ହେଲେ ମନୋଜ ପହଂଚିବା ପରେ କାମ କରିବାକୁ କହିଥିଲେ । ଟଙ୍କା କଥା କହିବାରୁ କିଛି ଦିନ ପରେ ଦିଆଯିବ ବୋଲି କହିଥିଲେ । କିନ୍ତୁ ଗତକାଲି ମନୋଜ କାମ କରିବା ପରେ ଅସୁସ୍ଥ ଅନୁଭବ କରିଥିଲେ । ସାଥି ମାନେ ଏନେଇ ମାଲିକଙ୍କୁ ମଧ୍ୟ ଖବର ଦେଇଥିଲେ । କିନ୍ତୁ ମାଲିକ କୌଣସି ଗୁରୁତ୍ୱ ଦେଇନଥିଲେ । ଶେଷରେ ଗ୍ରାମରୁ ମନୋଜଙ୍କ ଭାଇ ତୁକାରାମ ହିଆଲ ମାଲିକ ଏଙ୍କେଟେସଙ୍କୁ ଫୋନ କରି ଭାଇର ଦେହ ଖରାପ ଥିବା କହି ଡାକ୍ତରଖାନା ନେବାକୁ କହିଥିଲେ । ଶେଷରେ ଗତରାତ୍ରୀରେ ଡାକ୍ତରଖାନାକୁ ନେବା ବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା । ଏନେଇ ମନୋଜଙ୍କ ଭାଇ ତୁକାରାମ ହିଆଲ ମାଲିକ ଏଙ୍କେଟେସଙ୍କ ବିରୁଦ୍ଧରେ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ଏଠାରେ ସୂଚନା ଯୋଗ୍ୟ ଯେ ନୂଆପଡା ଜିଲାରେ ଦାଦନ ସମସ୍ୟାର ଅନ୍ତ ଘଟୁନାହିଁ । ଜିଲାର ପ୍ରତି ପ୍ରାନ୍ତରୁ ଦାଦନ ସମସ୍ୟା ଦେଖାଦେଇଛି । ଏଠାକାର ଶ୍ରମିକ ଦାଦନ ଖଟିଯାଇ ଅନେକ ସମୟରେ ଅକଥନୀୟ ନିର୍ଯ୍ୟାତନା ଭୋଗ କରୁଥିବା ସ୍ଥଳେ ଦାଦନ ସମସ୍ୟାର ସମସ୍ୟାର ସମାଧାନ ହୋଇ ପାରୁନାହିଁ । ସରକାର ଦାଦନ ରୋକିବା ସକାଶେ ଅନେକ ଯୋଜନା କାର୍ଯ୍ୟକାରୀ କରିଥିବା ସ୍ଥଳେ ତାର ସମାଧାନ ହୋଇ ପାରୁନାହିଁ । ଫଳରେ ଏଠାକାର ଲୋକେ ଅଧିକ ଅର୍ଥ ଲାଳସାରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଅକାରଣରେ ସେମାନଙ୍କ ଜୀବନ ଚାଲି ଯାଉଥିବା ଭଳି ଘଟଣା ଅନେକ ସମୟରେ ଘଟୁଅଛି । ଜିଲ୍ଲା ପ୍ରଶାସନ ସହ ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେଇ ଦାଦନ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବୀ ହେଉଛି ।

## ବଡ଼ମ୍ବା ଥାନା ଅଧିକାରୀ ପ୍ରଭାତ କୁମାର ମଲ୍ଲିକଙ୍କୁ ପ୍ରେସିଡେଂଟିଆଲ୍ ଆୱାର୍ଡ଼ ପାଇଁ ଚୟନ

କଟକ,(ପିଏନ) କଟକ ଜିଲ୍ଲା ବଡ଼ମ୍ବା ଥାନା ଅଧିକାରୀ ପ୍ରଭାତ କୁମାର ମଲ୍ଲିକଙ୍କୁ ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ପ୍ରେସିଡେଂଟିଆଲ୍ ଆୱାର୍ଡ଼ ପାଇଁ ଚୟନ କରାଯାଇଛି । ସେ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡ଼ିଏମଓ)ଙ୍କ କାର୍ଯ୍ୟାଳୟରେ ନିଜର ମେଡ଼ିକାଲ ଫିଟନେସ୍ ଟେଷ୍ଟ କରାଇଛନ୍ତି । ପୂର୍ବରୁ କାର୍ଯ୍ୟରତ ଥିବା ଅବସ୍ଥାରେ ସେ କରୋନା ସଂକ୍ରମିତ ହେବା ସହିତ ପରବର୍ତି ସମୟରେ ସୁସ୍ଥ ହୋଇଥିଲେ । ଏପରିକି ସେ ପ୍ଲାଜମା ଦାନ କରିଥିଲେ ।

ସେ ପୂର୍ବରୁ ମାଓ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାର ମାଥିଲି, ଚିତ୍ରକୋଣ୍ଡା, କାଲିମେଲା ଥାନାରେ ସବଇନ୍ସପେକ୍ଟର ଭାବେ ନିଜର ଦାୟୀତ୍ୱ ସୁଚାରୁ ରୂପେ ସମ୍ପାଦନ କରିଥିବା ବେଳେ ପରବର୍ତି ସମୟରେ ପୁରୀ ଜିଲ୍ଲାର ପିପିଲି ଥାନା, ବ୍ରହ୍ମଗିରି ଥାନା ଏବଂ ସମୁଦ୍ର କୂଳ ଥାନାରେ ଆଇଆଇସି ଭାବେ ଦାୟୀତ୍ୱ ତୁଲାଇଥିଲେ । ଏହା ବ୍ୟତୀତ କଟକ ଜିଲ୍ଲାର ନେମାଳ, ଆଠଗଡ଼, ବଡ଼ମ୍ବା ଥାନାରେ ସେ ଆଇଆଇସି ଭାବେ କାର୍ଯ୍ୟ କରିଛନ୍ତି ।

ଅନ୍ୟପକ୍ଷରେ ୨୦୧୯ ସାଧାରଣ ନିର୍ବାଚନ ପରିଚାଳନା ଏବଂ ଆଠଗଡ଼ ଧବଳେଶ୍ୱର ଯାତ୍ରାରେ ଶାନ୍ତି ଶୃଙ୍ଖଳା ରକ୍ଷା ଦିଗରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ଏନେଇ ନିଜର ପ୍ରତିକ୍ରିୟା ରଖି ଶ୍ରୀ ମଲ୍ଲିକ କହିଛନ୍ତି ଯେ, ଡ଼ିପାର୍ଟମେଂଟ ପକ୍ଷରୁ ପ୍ରେସିଡେଂଟିଆଲ୍ ଆୱାର୍ଡ଼ ପାଇଁ ମୋତେ ଚୟନ କରାଯାଇଥିବାରୁ ମୁଁ ସେଥିପାଇଁ ବହୁତ ଖୁସି । ବିଭାଗ ପାଇଁ ଅନେକ କାମ କରିଛି । ଆଗାମୀ ଦିନରେ ମଧ୍ୟ ଏହି ଧାରା ଜାରି ରହିବ ।

# ନିକିରାଇ-ଇନ୍ଦୁପୁର ରାସ୍ତା ମରାମତି ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ନିକିରାଇ-ଇନ୍ଦୁପୁର ରାସ୍ତା ଏବେ ବିପର୍ଯ୍ୟସ୍ତ ହୋଇପଡିଛି । ଫଳରେ ଯାନବାହାନ ଚଳାଚଳ ଓ ଲୋକମାନେ ଯିବା ଆସିବାରେ ବହୁ ସମସ୍ୟା ସୃଷ୍ଟି ହେଉଛି । ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି ଯେ, ଏହି ରାସ୍ତାରେ ଆମ୍ବୁଲାନ୍ସ ଓ ଅଗ୍ନିଶମ ବିଭାଗ ଗାଡି ଯିବା ଆସିବା କରିବାରେ ବହୁ ସମସ୍ୟାର ସମ୍ମୁଖୀନ ହେଉଛି । କାରଣ ରାସ୍ତା ସାରା ଖାଲଖମାରେ ଭର୍ତ୍ତି ହୋଇଛି । ସେହି ରାସ୍ତା ଉପରେ କେନ୍ଦ୍ରାପଡ଼ା ବ୍ଲକର ଇନ୍ଦୁପୁର, ନିକିରାଇ, କୁତରଙ୍ଗ, ଢୋଲ, ଜମରା, ଧୂମାତ, ଚାରିଗାଁ, ଘାଗରା, ସାନମାଣିତିଆ ପ୍ରମୁଖ ୧୫ ପଞ୍ଚାୟତର ଲୋକମାନେ ନିର୍ଭର କରନ୍ତି । ସେହିପରି ସ୍କୁଲ ଓ କଲେଜ ଯିବା ଆସିବା କରିବା ବେଳେ ପିଲାମାନେ ମଧ ହଇରାଣ ହରକତ ହେଉଛନ୍ତି । ଏହି ରାସ୍ତା ବର୍ଷକୁ ଏକାଧିକ ଥର ମରାମତି ହେଉଥିଲେ ମଧ କାମ ଠିକ ଭାବେ ହେଉ ନ ଥିବାରୁ ତାହା ମରାମତିର ଅଳ୍ପଦିନ ପରେ ଭାଙ୍ଗିରୁଜି ଯାଉଛି । ଏସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି ଦାବିପତ୍ର ପ୍ରଦାନ ସମୟରେ ଚନ୍ଦନ କୁମାର ସାହୁ, ଆଲୋକ ରାଉତ, ରାଜେନ୍ଦ୍ର ମହାପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଆଜାଦି କା ଅମୃତ ମହୋତ୍ସବ ପାଳନ ଅବସରରେ ଗଣତନ୍ତ୍ର ଦିବସ ୨୦୨୨ ରେ ସ୍ୱତନ୍ତ୍ର ଫଟୋଚିତ୍ର ପ୍ରଦର୍ଶନୀର ଆୟୋଜନ

ଭୁବନେଶ୍ୱର,(ପି.ଏନ): ଭାରତର ସ୍ୱାଧୀନତାର ୭୫ ବର୍ଷ ପାଳନକୁ ସ୍ମରଣୀୟ କରିବା ପାଇଁ ତଥା ଏହାର ଗୌରବମୟ ଇତିହାସ, ସଂସ୍କୃତି ଓ ସଫଳତାର ସ୍ମୃତି ଚାରଣ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ଆଜାଦି କା ଅମୃତ ମହୋତ୍ସବ ପାଳନ କରାଯାଉଛି । ଏହା ବିକାଶଶୀଳ ଭାରତର ସାମାଜିକ-ସାଂସ୍କୃତିକ, ରାଜନୈତିକ ଓ ଅର୍ଥନୈତିକ ପରିଚୟର ଏକ ନିଦର୍ଶନ ଅଟେ ।ଅମୃତ ମହୋତ୍ସବର ପାଳନ ସ୍ୱରୂପ, ସଂସ୍କୃତି ମନ୍ତ୍ରଣାଳୟ, ପ୍ରତିରକ୍ଷା ମନ୍ତ୍ରଣାଳୟ ସହିତ ମିଶି ଦେଶର ବିଭିନ୍ନ ଭୌଗୋଳିକ ସ୍ଥାନର କଳାକାରମାନଙ୍କ ଦ୍ୱାରା ତିଆରି ଫଟୋ ଚିତ୍ରର ଏକ ସିରିଜକୁ ପ୍ରଦର୍ଶିତ କରାଯିବ । ଏହି କଳାର ପ୍ରମୁଖ ବିଷୟବସ୍ତୁ ହେଉଛି ସ୍ୱାଧୀନତା ସଂଗ୍ରାମର ଅପରିଚିତ ନାୟକମାନଙ୍କୁ ସମ୍ମାନିତ କରିବା । ଏହି କଳାତ୍ମକ ଚିତ୍ରଣ ମାଧ୍ୟମରେ ଜନସାଧାରଣ ପ୍ରେରଣା ଗ୍ରହଣ କରିପାରିବେ । ଗଣତନ୍ତ୍ର ଦିବସ ୨୦୨୨ ଅବସରରେ ଦିଲ୍ଲୀର ରାଜପଥରେ ଏହି ଫଟୋ ଚିତ୍ର ଗୁଡ଼ିକୁ ପ୍ରଦର୍ଶିତ କରାଯିବ । ପଂଚସ୍ତରି ମିଟର ଲେଖାଏଁ ଦଶଟି ସ୍କ୍ରୋଲ୍ (ଏହା ୧୪-୧୫ ଫୁଟ ଉଚ୍ଚତା ବିଶିଷ୍ଟ ହେବ) କୁ ଉପସ୍ଥାପିତ କରାଯିବ । ଏଥିରେ ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶିତ କରାଯିବ । ଫଟୋ ଚିତ୍ର ପ୍ରଦର୍ଶନୀ ଆଜାଦି କା ଅମୃତ ମହୋତ୍ସବର ମହାନ ଉତ୍ସବ ସମ୍ବନ୍ଧୀୟ ଅନ୍ତର୍ନିହିତ କଳାତ୍ମକ ଦୃଶ୍ୟକୁ ପ୍ରତିଫଳିତ କରିବ ଏବଂ ଆମର ଜାତୀୟ ଗର୍ବକୁ ମଧ ଉପସ୍ଥାପନ କରିବ ।ରାଜପଥରେ ଏହି ଚିତ୍ର ଗୁଡିକ ପ୍ରମୁଖ ସ୍ଥାନରେ ସମସ୍ତ ନାଗରିକଙ୍କ ପାଇଁ ଏକ ଖୋଲା ଗ୍ୟାଲେରୀ ଭାବରେ ଉପସ୍ଥାପନ କରାଯିବ ଏବଂ ଏହା ଭରତର ସମୃଦ୍ଧ ଜାତୀୟ ଐତିହ୍ୟ ଏବଂ ଭରତର ସଂସ୍କୃତି ବିଷୟରେ ଲୋକଙ୍କୁ ପ୍ରେରଣା ଦେବା ପାଇଁ ଉଦ୍ଦିଷ୍ଟ । ଏହି ଚିତ୍ରିତ କଳାକୃତି ଗୁଡିକ ଖୋଲା ଆକାଶ ତଳେ ଅତ୍ୟନ୍ତ ସୁନ୍ଦର ଦେଖାଯିବା ସହିତ ଜାତୀୟ ଗର୍ବ ଏବଂ ଉତ୍କର୍ଷତାକୁ ପ୍ରକାଶ କରିବାର ଏକ ମାଧ୍ୟମ ଭାବରେ କଳାର ସୌନ୍ଦର୍ଯ୍ୟକୁ ଉପସ୍ଥାପିତ କରିବ ।ପାରମ୍ପରିକ କଳା ଏବଂ ସମସାମୟିକ ଅଭିବ୍ୟକ୍ତିକୁ ପ୍ରତିଫଳିତ କରିବାକୁ ଏହି ଫଟୋଚିତ୍ର ଗୁଡିକ ପ୍ରସ୍ତାବିତ, ଯାହାକି ଭାରତର ସମୃଦ୍ଧ ସାଂସ୍କୃତିକ ତଥା କଳା ଐତିହ୍ୟର ଗୁରୁତ୍ୱ ପ୍ରଦର୍ଶନ କରିବା ସହିତ ଆମ ଦେଶ ତଥା ଏହାର ଲୋକମାନଙ୍କର ଗୌରବମୟ ଇତିହାସ ଏବଂ ଆମର ସ୍ୱାଧୀନତା ସଂଗ୍ରାମୀମାନଙ୍କର ଅବଦାନକୁ ପ୍ରଦର୍ଶିତ କରିବ ।ନିର୍ଦ୍ଦେଶକ ଜେନେରାଲ୍, ଏନଜିଏମଏ ଙ୍କ ସହିତ ଏନଜିଏମଏ ର ପରାମର୍ଶଦାତା ବୋର୍ଡ (ପ୍ରମୁଖ ବିଶ୍ୱବିଦ୍ୟାଳୟର ପ୍ରଫେସରଙ୍କ ସମେତ ବିଶିଷ୍ଟ କଳାକାରଙ୍କୁ ନେଇ) ଫଟୋଚିତ୍ର ପ୍ରଦର୍ଶନୀ ପାଇଁ ପରାମର୍ଶଦାତା ଭାବରେ କାର୍ଯ୍ୟ କରିବେ । ସ୍କ୍ରୋଲ ପେଂଟିଂ କାର୍ଯ୍ୟକ୍ରମର ଶୀର୍ଷକ ରହିଛି, ‘‘କଳା କୁମ୍ଭ-ଆଜାଦି କା ଅମୃତ ମହୋତ୍ସବ’ଭୁବନେଶ୍ୱରରେ ଥିବା ୱାର୍କସପରେ ଓଡ଼ିଶା, ବିହାର, ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶର କଳାକାରମାନେ ଭାଗ ନେବେ ।

# ନିରୁଦ୍ଦିଷ୍ଟ ଶ୍ରମିକଙ୍କୁ ଉଦ୍ଧାର ଦାବୀରେ ଦଳିତ ଅଧିକାର ମଂଚର ଥାନାଧିକାରୀଙ୍କୁ ଦାବୀପତ୍ର ପ୍ରଦାନ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଦଳିତ ଅଧିକାର ମଂଚ ପକ୍ଷରୁ ନିରୁଦ୍ଦିଷ୍ଟ ଦାଦନ ଶ୍ରମିକ କିଶୋର ବନଛୋରଙ୍କୁ ଉଦ୍ଧାର ଦାବୀରେ ବୋଡେନ ଥାନାଧିକାରୀଙ୍କୁ ୫ ଦଫା ଦାବୀପତ୍ର ପ୍ରଦାନ କରାଯାଇ ତାଙ୍କୁ ଉଦ୍ଧାର କରିବାକୁ ଦାବୀ କରିଛନ୍ତି । ସୂଚନାମତେ ବୋଡେନ ଥାନା ଅନ୍ତର୍ଗତ ଆମଗୁଡା ଗ୍ରାମର କିଶୋର ବନଛୋର ୨୦୧୯ ମସିହା ମାର୍ଚ୍ଚ ମାସରେ ସିକନ୍ଦରାବାଦକୁ ଦାଦନ ଖଟିବାକୁ ଯାଇଥିଲେ । ତାଙ୍କୁ ସ୍ଥାନୀୟ ବିନୋପୁର ଗ୍ରାମର ଅରୁପ ନିଆଲ ଏବଂ କଂଟାବାଞ୍ଜିର ପାର୍ଥବ ବେହେରା ପଠାଇଥିବା ନେଇ କିଶୋରଙ୍କ ପତ୍ନୀ କୁଳ ବନଛୋର ଜଣାଇଛନ୍ତି । ଏନେଇ ଗତ ୨୧.୮.୨୦୨୦ ରେ କୁଳ ବନଛୋର ତାଙ୍କ ସ୍ୱାମୀ ନିଖୋଜ ଥିବା ନେଇ ବୋଡେନ ଥାନାରେ ଲିଖିତ ଅଭିଯୋଗ କରି ତାଙ୍କ ସ୍ୱାମୀଙ୍କୁ ଉଦ୍ଧାର କରିବାକୁ ଦାବୀ କରିଥିଲେ । ହେଲେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିବା ଜଣାପଡିଛି । ଏନେଇ ନୂଆପଡା ଜିଲ୍ଲା ଦଳିତ ଅଧିକାର ମଂଚର ସଭାପତି କମଳ ଚରଣ ତାଣ୍ଡି ଖବର ପାଇ ମଂଚର କର୍ମକର୍ତା ବୋଡେନ ଥାନାଧିକାରୀଙ୍କୁ ଭେଟି ୫ ଦଫା ଦାବୀପତ୍ର ପ୍ରଦାନ କରି ତୁରନ୍ତ କିଶୋରଙ୍କୁ ଉଦ୍ଧାର କରିବାକୁ ଦାବୀ କରିଛନ୍ତି । ଦାବୀରେ କୁଳ ବନଛୋରଙ୍କ ଏତଲା ଆଧାରରେ ଅରୁପ ନିଆଲ ଓ ପାର୍ଥ ବେହେରାଙ୍କୁ ଥାନାକୁ ଡାକି ସତ୍ୟାସତ୍ୟ ଅନୁସନ୍ଧାନ କରିବା, ଏହି ୨ ଜଣ ସନ୍ତୋଷଜନକ ଉତର ନଦେଲେ ସେମାନଙ୍କୁ ଗିରଫ କରିବା, ପୀଡିତ ପରିବାରଙ୍କୁ ୩ ଲକ୍ଷ ଟଙ୍କା ଆର୍ଥୀକ ସହାୟତା ପ୍ରଦାନ କରିବା, କିଶୋରଙ୍କ ସନ୍ଧାନ ନିମନ୍ତେ ଏକ ତଦନ୍ତକାରୀ ଟିମ ଗଠନ କରିବା, ପ୍ରଶାସନ ତରଫରୁ ପରିବାରଙ୍କୁ ରାସନ ସାମଗ୍ରୀ ପ୍ରଦାନ ପ୍ରମୁଖ ଦାବୀ କରିଛନ୍ତି । ଯଦି ଏସବୁ ସମସ୍ୟାର ସମାଧାନ କରାନଯାଏ ତେବେ ଆଗାମୀ ଦିନରେ ବୋଡେନ ଥାନାକୁ ଘେରାଉ କରିବା ସହ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି । ଏହି ଦାବୀପତ୍ର ପ୍ରଦାନ ବେଳେ ଦଳିତ ଅଧିକାର ମଂଚର ଜିଲ୍ଲା ସଭାପତିଙ୍କ ସହ ବୋଡେନ ବ୍ଲକ ସଭାପତି ବେଣୁଧର ଜଗତ, ବିଶ୍ୱ ବେହେରା, କାର୍ତିକ ମହାନନ୍ଦ, ଗଣେଷ ବାଗ, ସଞ୍ଜୟ ଜାଲ, ଲମ୍ବୋଦର ତାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ ।

## ଖାସବାହାଲ ସରପଂଚଙ୍କ କରୋନା ସଚେତନତା

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଖାସବାହାଲ ପଂଚାୟତରେ କରୋନା ସଚେତନତା ଅଭିଯାନ ଜାରି ରହିଛି । ସରପଂଚ ଯମୁନା ବାଗଙ୍କ ନେତୃତ୍ୱରେ ଆଶାକର୍ମୀ, ଅଙ୍ଗନୱାଡିକର୍ମୀ, ଜନ ପ୍ରତିନିଧି, ଏଏନଏମ, ସିଏଲଏଫ କର୍ମକର୍ତା ସମେତ ଗ୍ରାମର ମାଁ ମାନେ ସାମିଲ ରହି ଘରକୁ ଘର ବୁଲି ସଚେତନତା ସୃଷ୍ଟି କରୁଛନ୍ତି । ଦେଶରେ କରୋନା ମହାମାରୀ ରୂପ ଧାରଣ କରି ଗ୍ରାସ କରି ଆସୁଥିବା ବେଳେ କିଛିକାଂଶରେ ଲୋକଙ୍କ ଖାମଖିଆଲି ମନୋଭାବ ଦୂରେଇ ଯାଇନାହିଁ । ତେଣୁ ଘର ଘର ବୁଲି ନାମ ତାଲିକା ପ୍ରସ୍ତୁତ କରି ଆସନ୍ତା ଦିନରେ ସଂଖ୍ୟାଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବାର ଲକ୍ଷ୍ୟ ରଖାଯାଇଛି । ଏହି ସଚେତନତା ଅଭିଯୋନରେ ସମାଜସେବୀ ପ୍ରେମଲାଲ ବାଗ ସକ୍ରୀୟ ଅଂଶ ଗ୍ରହଣ କରିଥିବା ବେଳେ ଆଶାଦିଦି ସୌଦାମିନୀ ହଂସ, କୁମାରୀ ଶବର, ଡାଳିମ୍ବ ବାଗ, ଅଙ୍ଗନୱାଡି କର୍ମୀ କୁନ୍ତଳା ଶବର, କମଳିନୀ ପଟେଲ, ଜିପିଏଲଏଫ ସଭାନେତ୍ରୀ ପ୍ରମିଳା ଶବର, ୱାର୍ଡସଭ୍ୟା ରକ୍ମଣୀ ଟାହାଣୀ, ସାବେତ୍ରୀ ଶବରଙ୍କ ସମେତ ଅନ୍ୟାନ୍ୟ ମହିଳା ସାମିଲ ଅଛନ୍ତି ।

## ଚିତ୍ରକଳା ପ୍ରଦର୍ଶନୀ ଦ ବାର୍ଡ଼ସ୍, ଆଉ ଶୁଭୁନି କା କାର ଡ଼ାକ

ଭୁବନେଶ୍ୱର,(ପି.ଏନ): ରାତି ପାହିଲେ କାଉର କା’ କା’ ଡ଼ାକରେ ଭାଙ୍ଗୁଥିଲା ନିଦ । କାଉକୁ ନେଇ ଚାଟଶାଳୀ ବହିରେ ଏକ ସୁନ୍ଦର ଗୀତ ବି ରଚନା କରାଯାଇଛି । ରାତି ପାହିଲାଣି ରାବଇ କାଉ, ଉଠ ଉଠ ମଠ ନକର ଆଉ । କିନ୍ତୁ ଏବେ ସକାଳ ହେଲେ ଆଗ ପରି ଆଉ କାଉର ରାବ ଶୁଭୁନାହିଁ । ପରିତ୍ୟକ୍ତ ଖାଦ୍ୟ ସ୍ଥାନରେ ଅସଂଖ୍ୟ କାଉ ରୁଣ୍ଡର ଦୃଶ୍ୟ ଆଉ ଦେଖିବାକୁ ମିଳୁନାହିଁ । ସେହିପରି ପରିବେଶକୁ ପରିଚ୍ଛନ୍ନ ରଖୁଥିବା ବିଶାଳ ପକ୍ଷୀ ଶାଗୁଣା ପଲ ପଲ ହୋଇ ବସୁଥିଲେ ମଶାଣୀ ଓ ତାଳଗଛ ଉପରେ । ଏବେ ପଶୁଙ୍କର ଶବ ଦିନ ଦିନ ଧରି ପଡ଼ିରହୁଛି ମଶାଣି ପଦାରେ । ଆଉ ଦେଖିବାକୁ ମିଳୁନି ଶାଗୁଣା । ସେହିଭଳି ପକ୍ଷୀ ଜଗତର ସ୍ଥପତି ବାଇଚଢେଇ ଏବେ ବସା ବାନ୍ଧିବାକୁ ପାଉନାହିଁ ବଡ଼ ବଡ଼ ତୋଳ, ବର, ନଡ଼ିଆ ଗଛ । ଗାଁ ଦାଣ୍ଡ ଓ ଅଗଣାରେ କିଚିରି ମିଚିରି କରୁଥିବା ଘର ଚଟିଆର ଶବ୍ଦ ଏବେ ଆମ ସ୍ମୃତିରେ । କେବଳ କାଉ କିମ୍ବା ଶାଗୁଣା ନୁହେଁ ଆମ ପରିବେଶରୁ ଉଭାନ ହୋଇଗଲେଣି ଘରଚଟିଆ, ଶଙ୍ଖଚିଲ, ପାରା, ମାଛରଙ୍କା ଚଢେଇ, କଜଳପାତି, ହଳଦୀ ବସନ୍ତ ପରି ଅନେକ ପକ୍ଷୀ । ଏସବୁ କେବଳ ପରିବେଶର ପ୍ରତିକୂଳ ଅବସ୍ଥାକୁ ହିଁ ଆମେ ଦାୟୀ କରୁଛେ । ଜୈବ ବିବିଧତାର ସୁରକ୍ଷା ଓ ଜୀବଜଗତର ସନ୍ତୁଳନ ପାଇଁ ଏମାନଙ୍କ ଉପସ୍ଥିତି ନିତାନ୍ତ ଜରୁରୀ ।ବିଲୁପ୍ତ ହୋଇଯାଉଥିବା ପକ୍ଷୀମାନଙ୍କୁ ନେଇ ଭୁବନେଶ୍ୱର ପୋଖରୀପୁଟ ଅଂଚଳର ସାତବର୍ଷର ବାଳକ ଶାନ୍ତନୁ ଶାନ୍ତିସ୍ୱରୂପ ଚିନ୍ତାପ୍ରକଟ କରିବା ସହ ନିଜେ ରଙ୍ଗ ତୂଳୀରେ ଲୋପ ପାଇଯାଉଥିବା ପକ୍ଷୀମାନଙ୍କର ସୁରକ୍ଷା ଲାଗି ଜନସଚେତନତା ଉଦ୍ଦେଶ୍ୟରେ ବିଭିନ୍ନ ପକ୍ଷୀମାନଙ୍କ ଚିତ୍ର ଆଙ୍କିଛନ୍ତି । ଚିତ୍ରରେ ତଳେ ଇଂରାଜୀ ଭାଷାରେ ମନଛୁଆଁ ସ୍ଲୋଗାନ ବି ରହିଛି । ଯଥା-ସେଭ୍ ଦ ସ୍ପାରୋଜ, ବାର୍ଡ଼ସ୍ ଆର୍ ଗଡ୍ସ ନାଚୁରାଲ୍ ଡ୍ରୋନ୍ସ, ମେକ୍ ଏ ରିଭୋଲ୍ୟୁସନ, ଟୁ ରିଡ୍ୟୁସ୍ ରାଡ଼ିଏସନ୍, ଲେଟସ୍ ସେଭ୍ ଦିଜ୍ ଲିଟିଲ୍ ଆଞ୍ଜେଲ୍, ଦ ବାର୍ଡ଼ସ୍ ଆର ଦି ଷ୍ଟାରସ୍ ଅଫ୍ ଆୱାର ନେଚର, ଇତ୍ୟାଦି । ଚିତ୍ରଗୁଡ଼ିକୁ ଗ୍ରୀନ୍‌ୱାଲ୍‌ରେ ଶାନ୍ତନୁ ପ୍ରଦର୍ଶିତ କରିବା ସହ ଚିତ୍ରକଳା ପ୍ରଦର୍ଶନୀର ନାମ ‘ଦ ବାର୍ଡ଼ସ୍’ ରଖିଛନ୍ତି ।

# ରଙ୍ଗତୂଳି କଳାକାର ସଂଘର ସାଧାରଣ ପରିଷଦ ବୈଠକ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ଅନ୍ତର୍ଗତ ସିର୍ତିଗୁଡା ଠାରେ ଜିଲା ରଙ୍ଗତୁଳି କଳାକାର ସଂଘର ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାର ବିଭିନ୍ନ ବ୍ଲକର ରଙ୍ଗତୁଳି କଳାକାର ମାନେ ଯୋଗଦେଇଥିଲେ । ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ କରୋନା ସଂକ୍ରମଣର କଟକଣା ଯୋଗୁଁ କିଭଳି ଭାବେ ରୋଜଗାର ପାଇଁ ସମସ୍ୟାରେ ପଡୁଛନ୍ତି ସେ ସଂପର୍କରେ ଆଲୋଚନା କରାଯାଇଥିଲା । ସଭା ପରେ ପରେ ଜିଲା ସ୍ତରୀୟ କର୍ମକର୍ତା ଚୟନ କରାଯାଇଥିଲା । ସଭାପତି ଭାବେ ପ୍ରମୋଦ ଦଣ୍ଡିଆ ମନୋନୀତ ହୋଇଥିବା ବେଳେ ସଂପାଦକ ଭାବେ ଗୋବିନ୍ଦ ଭୁକ୍ତା , ଉସ-ଭାତି ଭାବେ ମିଥୁନ୍ ପ୍ରଧାନୀ, ସହ ସଂପଦାକ ଭାବେ ଜଗତସିଂ ପାତ୍ର ଓ କୋଷାଧ୍ୟକ୍ଷ ଭାବେ ସୁନିଲ୍ ବିନ୍ଧାଣୀ ମନୋନିତ ହୋଇଛନ୍ତି । ଏଥି ସହିତ କାର୍ଯ୍ୟକାରି ସଭ୍ୟ ଭାବେ ଅଶ୍ୱିନୀ କୁମାର ବିଷୋୟୀ , ବିଷ୍ଣୁ ଚରଣ ବେହେରା , ସୁନିଲ୍ ନାୟକ , ଶ୍ରୀକାନ୍ତ ପ୍ରଧାନୀ , ଲକ୍ଷ୍ମୀଣ ପ୍ରଧାନ ପ୍ରମୁଖ ମନୋନିତ ହୋଇଛନ୍ତି । କରୋନା କଟକଣା ଯୋଗୁଁ ବର୍ତମାନ କଳାକାର ମାନଙ୍କର ରୋଜଗାର ପନ୍ଥା ସଂପୂର୍ଣ୍ଣଭାବେ ବନ୍ଦ ହୋଇଯାଇଥିବା ବେଳେ ଅନେକ କଳାକାର ଜୀବିକା ହରାଇବା ସହିତ ପରବାର ପ୍ରତିପୋଷଣ କରିବା ସମସ୍ୟା ସୃଷ୍ଟି ହୋଇଛି । ଜିଲାରେ ପ୍ରାୟ ୨ ହଜାରରୁ ଉର୍ଦ୍ଧ ରଙ୍ଗତୁଳି କାଳାକାର ଥିବା ବେଳେ ଆଜି ପର୍ଯ୍ୟନ୍ତ ସରକାର ଏହି କଳାକାର ମାନଙ୍କ ପାଇଁ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରିନାହାନ୍ତି । ସେମାନଙ୍କର ଏହି ଆର୍ଥିକ ଅନାଟନ ବେଳେ ସେମାନଙ୍କୁ ଜିଲା ପ୍ରଶାସନ କାମ ଯୋଗାଇ ଦେବା ପାଇଁ ଦାବୀ କରାଯିବା ସମ୍ପର୍କରେ ବୈଠକରେ ନିଷ୍ପତି ନିଆଯାଇଥିଲା ।

# ମାଟି ବୋଝେଇ ଟ୍ରାକ୍ଟର ଜବତ୍ ପରେ ବନ ବିଭାଗ ଦେଖାଇଲା ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଘଟଣାର ତଦନ୍ତ ଦାବୀ

କେନ୍ଦୁଝର(ପିଏନ)-କେନ୍ଦୁଝର ସଦର ରେଞ୍ଜ ଟାଉନ ସେକ୍ସନ ଅନ୍ତର୍ଗତ ବେଲଦା ସଂରକ୍ଷିତ ଜଙ୍ଗଲର ମହାଦେଇପୁରଠାରେ ବନ ବିଭାଗ ଗତକାଲି ମାଟି ବୋଝେଇ ଏକ ଟ୍ରାକ୍ଟର ଜବତ୍ କରିଛି । ଜଙ୍ଗଲ ଭିତରେ ଓଆର୦୯କେ ୦୧୧୮ ନମ୍ବର ବିଶିଷ୍ଟ ଏକ ଟ୍ରାକ୍ଟର ମାଟି ଚାଲାଣ କରୁଥିବାବେଳେ ବନ ବିଭାଗ ଚଢଉ କରି ଟ୍ରାକ୍ଟର ଜବତ୍ କରିଥିଲା । ତେବେ ବନ ବିଭାଗ ଜବତ୍ ଗାଡିକୁ ବେଲଦା ସଂରକ୍ଷିତ ଜଙ୍ଗଲ ନଦେଖାଇ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲରୁ ଜବତ୍ ହେବା ଦର୍ଶାଇଥିବା ଜବତ୍ ଗାଡି ମାଲିକ ମହେଶ୍ୱର ନାୟକ କହିଛନ୍ତି । ତେବେ କେଉଁ ଉଦ୍ଦେଶ୍ୟରେ ଗୋଟିଏ ସ୍ଥାନରେ ଜବତ୍ ଗାଡି ଅନ୍ୟ ସ୍ଥାନରେ ଦେଖାଉଛି ତାହା ତଦନ୍ତ କରିବାକୁ ଦାବୀ ହୋଇଛି । ସୂଚନା ଯୋଗ୍ୟ ଯେ, ବେଲଦା ସଂରକ୍ଷିତ ଜଙ୍ଗଲର ବେଲଦା, କେନ୍ଦୁଆ, ଭାଲୁଘର, ପୋଟଳ, ମଥୁରାମଣ୍ଡଳୀ ଅଞ୍ଚଳରେ ଦିନ ରାତି ଅବାଧରେ ମାଟି,ମୋରମ ଏବଂ ପଥର ଚୋରୀ ହେଉଥିବାବେଳେ ବନ ବିଭାଗର ସ୍ଥାଣୁତା ଯୋଗୁଁ ଲଘୁ ଖଣିଜ ସମ୍ପଦ ଲୁଟ ସହ ଜଙ୍ଗଲ ନଷ୍ଟ ହେଉଛି । ବନ କର୍ମଚାରୀ ପେଟ୍ରୋଲିଂ କରୁନଥିବା ସୁଯୋଗରେ ମାଫିଆ ମାନେ ସ୍ଥାନୀୟ ଲୋକଙ୍କ ଅଳ୍ପ କିଛି ମଜୁରୀ ଦେଇ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଦୀର୍ଘ ଦିନ ଧରି ଚୋରୀ କରୁଥିଲେ ହେଁ ଧରପଗଡ କରାଯାଉନାହିଁ । ଜଙ୍ଗଲ ଭିତରେ



ନିୟମିତ ଚୋରୀ ଯୋଗୁଁ ବଡ ବଡ ଗାତ ସୃଷ୍ଟି ହୋଇ ବନ୍ୟ ଜୀବଜନ୍ତୁଙ୍କ ପାଇଁ ବିପଦର କାରଣ ହୋଇଛି ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

# ଖେଳ



ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ
PARYABEKHYAK पर्यवेक्षक






## ବି.ବି.ମହାବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ବିଭାଗର ବାର୍ଷିକ ଆଲୋଚନାଚକ୍ର




ବାରିପଦା, (ପି.ଏନ): ବାଇଗଣବାଡିଆ ସ୍ଥିତ ବି.ବି. ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗରେ 'ତରଳ ଚୁମ୍ବକୀୟ ଅର୍ଦ୍ଧସୁପରିବାହୀ ପଦାର୍ଥର ସାମ୍ପ୍ରତିକ ବିକାଶର ଉପରେ ଏକ ଅନୁଧ୍ୟାନ' ଶୀର୍ଷକ ବାର୍ଷିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଆଲୋଚନାଚକ୍ରରେ ସଭାପତି ଭାବେ ମହାବିଦ୍ୟାଳୟର ଅଧକ୍ଷ ଡ. ଯତୀନ୍ଦ୍ର ନାଥ ସିଂଦେବ ସଜାନ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ନିଜ ଜୀବନରେ ଆଲୋଚନାଚକ୍ରର ଉଦ୍ଦେଶ୍ୟ ବିଷୟରେ ଅବଗତ କରିଥିଲେ । ବିଭାଗୀୟ ମୁଖ୍ୟ ପ୍ରଧାପକ ଡ.ବିଜୟ କୁମାର ମହାନ୍ତ ଅତିଥି ପରିଚୟ ପ୍ରଦାନ କରିବା ସହ ଆଲୋଚନା ଚକ୍ର ଶୀର୍ଷକ ବିଷୟରେ ଆଲୋକପାତ କରିଥିଲେ । ସନ୍ଦର୍ଭ ବିଶେଷଜ୍ଞ ଏବଂ ମୁଖ୍ୟବକ୍ତା ଭାବରେ ମହାରାଜା ଶ୍ରୀରାମଚନ୍ଦ୍ର ଭଦେଓ ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ଆସିଷ୍ଟାଣ୍ଟ୍.ପ୍ରଫେସର ଡ.ପ୍ରଭନ ମଲ୍ଲିକ ଯୋଗ ଦେଇ ବିଷୟ ବସ୍ତୁକୁ ପାୱାର ପଏଣ୍ଟ ମାଧ୍ୟମରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପ୍ରାରମ୍ଭରେ ପଦାର୍ଥ ବିଜ୍ଞାନ ବିଭାଗର ବରିଷ୍ଠ ଅଧାପକ ଶ୍ରୀ ସୁବ୍ରତ କୁମାର ଦାଶ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଆଲୋଚନା ଚକ୍ରରେ ଅନିଲ ବେହେରା, ରାମଚନ୍ଦ୍ର ଶରେନ, ସେଲିନା ଗୋଛାୟତ, ପୂଜା ଶତପଥୀ, ରାଜଶ୍ରୀ ମହାପାତ୍ର, ସୁକୁମାର ଟୁଡୁ, ଦିବ୍ୟଜ୍ୟୋତି ଶତପଥୀ, ଦୀପ୍ତିଲିପ୍ସା ମୁଦୁଲି, ନିଜ ନିଜର ସନ୍ଦର୍ଭ ଉପସ୍ଥାପନ କରିଥିଲେ । ଶେଷରେ ଛାତ୍ରୀ ସେଲିନା ଗୋଛାୟତ ଧନ୍ୟବାଦ ଅର୍ପଣ କରିଥିଲେ । ବିଭାଗୀୟ ଅଧାପିକା ମିସ୍.ଇପ୍‌ସିତା ପରିଡା, ଡେମନଷ୍ଟେଟର ଶ୍ରୀ କ୍ଷିତିଶ ଚନ୍ଦ୍ର ମହାନ୍ତ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ପଦାର୍ଥ ବିଜ୍ଞାନ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

## ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାଙ୍କ ବିଶାଳ ବିକ୍ଷୋଭ

ଭୁବନେଶ୍ୱର,(ପି.ଏନ): ଅଙ୍ଗନୱାଡ଼ି କର୍ମଚାରୀ ୟୁନିୟନ୍ ସଂଯୁକ୍ତ ମୋର୍ଚ୍ଚା ତରଫରୁ ୧୭ ଦଫା ଦାବି ଉପରେ ବିଧାନସଭା ସମ୍ମୁଖରେ ବିରାଟ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ହଜାର ହଜାର ଅଙ୍ଗନୱାଡ଼ି କର୍ମୀ, ସହାୟିକା ମାଷ୍ଟରକ୍ୟାଂଟିନ୍ ଛକରୁ ଶୋଭାଯାତ୍ରାରେ ବାହାରି ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘର ସଭାପତି ଅଶୋକ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଂଯୁକ୍ତ ମୋର୍ଚ୍ଚାର ରାଜ୍ୟ ଆବାହକ ବିଜୟ ଜେନା ଦାବି ଉପସ୍ଥାପିତ କରିଥିଲେ।ଅଙ୍ଗନୱାଡ଼ି କର୍ମୀଙ୍କ ବିଭିନ୍ନ ସମସ୍ୟା ଯଥା ୧୭ ମସିହାରେ ଭତାବୃଦ୍ଧି ହୋଇଥିଲେ ହେଁ ଏପର୍ଯ୍ୟନ୍ତ ଭତାବୃଦ୍ଧି କରାଗଲା ନାହିଁ। ଦରଦାମ୍ ବୃଦ୍ଧି ହୋଇଥିଲେ ମଧ ଏପର୍ଯ୍ୟନ୍ତ ଏସ୍.ଏନ୍.ପି. ଦର ସଂଶୋଧନ କରାଯାଇ ନାହିଁ କି ନିୟମିତ ଭାବେ ଅର୍ଥ ପଠାଯାଉ ନାହିଁ।

## ଉନ୍ମୋଚିତ ହେଲା ଜଗନ୍ନାଥ ତତ୍ତ୍ୱଭିତିକ ପତ୍ରିକା 'ଆମ ଜଗନ୍ନାଥ'



ଚଣ୍ଡିଖୋଲ,(ପିଏନ):ଚାରଣଗୋଷ୍ଠୀ ଓଡ଼ିଶା ପକ୍ଷରୁ ସୋମବାର ଚଣ୍ଡିଖୋଲ ନିକଟସ୍ଥ ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱର ମହାଦେବ ପରିସରରେ ଜଗନ୍ନାଥ ତତ୍ତ୍ୱଭିତିକ ଆଧାତ୍ମିକ ପତ୍ରିକା 'ଆମଜଗତନ୍ନାଥ' ମୁଖପାତ୍ର ଓ ୨୦୨୨ ମସିହାର ନୂତନ କ୍ୟାଲେଣ୍ଡର ଉନ୍ମୋଚିତ ହେଇଯାଇଛି ।ଏହି ଉପଲକ୍ଷେ ଆୟୋଜିତ ଉତ୍ସରେ ମୁଖ୍ୟ ଅତିଥି ଭାବେ ଦର୍ପଣ ତହସିଲଦାର ପ୍ରଦୀପ କୁମାର ସେଠୀ ଯୋଗଦେଇ ଚାରଣ ଗୋଷ୍ଠୀପକ୍ଷରୁ ସନାତନ ଧର୍ମକୁ ଓଡ଼ିଶାର ଘରେ ଘରେ ପହଞ୍ଚାଇବାର ଯେଉଁ ପ୍ରୟାସ ଆରମ୍ଭ ହେଇଛି ତାକୁ ଶ୍ରୀ ସେଠୀ ପ୍ରସଂଶା କରିବା ସହ ସତ୍ୟ, ଧର୍ମ ଓ ନାୟ ସନାତନ ଧର୍ମର ମୂଳଲକ୍ଷ ଓ ପ୍ରତ୍ୟେକ ଓଡ଼ିଆ ଏହି ଧର୍ମକୁ ମାନି ଚାଲିବାକୁ ସେ ପରମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଚାରଣ ଗୋଷ୍ଠୀ ଓଡ଼ିଶାର ଅଧକ୍ଷ ଉଦୟନାଥ ସାହୁ , ମୁଖ୍ୟବକ୍ତା ଭବେ ସାଧନାର ସ୍ୱରୂପର ସମ୍ପାଦକ ଦେବବ୍ରତ ଦେବତା , ବରିଷ୍ଠ ସାମ୍ବାଦିକ ଶିବରାମ ସାହୁ ଓ ସମାଜସେବୀ ପ୍ରଭୁନାଥ ଶର୍ମା ଯୋଗଦେଇ ଜଗନ୍ନାଥ ତତ୍ତ୍ୱ ଉପରେ ଆଲୋକପାତ କରିଥିଲେ. ଅନ୍ୟମାନଙ୍କ ମଧ୍ୟରେ ସୁରେଶ ଚନ୍ଦ୍ର ଖଣ୍ଡେଇ,ବୀରକିଶୋର ସାହୁ,ଭରତ ଚନ୍ଦ୍ର ବିଶ୍ୱାଳ,ବାମନ ଦାସ,ଦୁର୍ଯ୍ୟୋଧନ ବେହେରା, ଜଗବନ୍ଧୁ ସାହୁ, ସୂର୍ଯ୍ୟମଣି କବି, ଅନ୍ତର୍ଯ୍ୟାମୀ ପଣ୍ଡା, ସତ୍ୟବ୍ରତ ଖଣ୍ଡେଇ, କୁଞ୍ଜବିହାରୀ ରାୟ, ନିରଞ୍ଜନ ଗନ୍ତାୟତ, ଭାରତ ଭୂଷଣ ପଣ୍ଡା, ପ୍ରତାପ ଗୋଛାୟତ ପ୍ରମୁଖ ଯୋଗଦେଇଥିଲେ.

## ପଶ୍ଚିମ ଭାରତ ଓ ଉତ୍ତର ଭାରତକୁ ତୀର୍ଥଯାତ୍ରୀ ବିଶେଷ ପର୍ଯ୍ୟଟକ ଟ୍ରେନ୍

ଭୁବନେଶ୍ୱର, (ପି.ଏନ): ଭାରତୀୟ ରେଳ କ୍ୟାଟରିଂ ଆଣ୍ଡ ଟୁରିଜିମ୍ କର୍ପୋରେସନ୍ (ଆଇଆରସିଟିସି) ଭୁବନେଶ୍ୱର ଆଂଚଳିକ କାର୍ଯ୍ୟାଳୟ ପକ୍ଷରୁ ପଶ୍ଚିମ ଭାରତରେ ଥିବା ଗୁରୁତ୍ୱପୂର୍ଣ୍ଣ ତୀର୍ଥ ସ୍ଥାନ ଗୁଡିକ ସହିତ ମାତା ବୈଷ୍ଣୋଦେବୀ ସହିତ ଉତର ଭାରତ ଭ୍ରମଣ ପାଇଁ ସ୍ୱତନ୍ତ୍ର ଟୁର୍ ପ୍ୟାକେଜ୍ "ତୀର୍ଥଯାତ୍ରୀ ସ୍ୱତନ୍ତ୍ର ପର୍ଯ୍ୟଟନ ଟ୍ରେନ୍" ବ୍ୟବସ୍ଥା କରାଯାଇଛି । ଜାନୁୟାରୀ ୨୦୨୨ ରେ ପଶ୍ଚିମ ଭାରତ ପାଇଁ ସ୍ପେଶାଲ୍ ଟୁର୍ ପ୍ୟାକେଜ୍ "ତୀର୍ଥଯାତ୍ରୀ ସ୍ପେଶାଲ୍ ଟୁରିଷ୍ଟ ଟ୍ରେନ୍" ଏବଂ ମାର୍ଚ୍ଚରେ ଭାରତ ଦର୍ଶନ ପର୍ଯ୍ୟଟନ ଟ୍ରେନ୍ ଉତର ଭାରତ ଅଭିମୁଖେ ଯାତ୍ରା କରିବାକୁ ସ୍ଥିର କରାଯାଇଛି । ଭାରତୀୟ ରେଳବାଇ କ୍ୟାଟରିଂ ଆଣ୍ଡ ଟୁରିଜିମ କର୍ପୋରେସନ ଦ୍ୱାରା ସ୍ୱତନ୍ତ୍ର ପର୍ଯ୍ୟଟନ ପ୍ୟାକେଜ୍ । ବ୍ରହ୍ମପୁର, ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, କଟକ, ତାଳଚେର ରୋଡ୍, ଅନୁଗୁଳ, ସମ୍ବଲପୁର ଏବଂ ଝାରସୁଗୁଡା ମାର୍ଗଦେଇ ୨୦୨୨ ଜାନୁଆରୀ ୨୧ ତାରିଖରେ ପଶ୍ଚିମ ଭାରତର ଗୁଜୁରାଟକୁ ପର୍ଯ୍ୟଟନ ଟ୍ରେନ ଯାତ୍ରା କରିବ ।

## ହନୁମାନ ମନ୍ଦିର ପ୍ରତିଷ୍ଠା ଓ କଳସ ଶୋଭାଯାତ୍ରା



ଖୋର୍ଦ୍ଧା, (ପିଏନ): ଖୋର୍ଦ୍ଧା ଜିଲ୍ଲା ବୋଲଗଡ ବ୍ଲକ ଗେଡିଆପଲ୍ଲୀ ପଂଚାୟତ ସଲଗ୍ନ ଚନ୍ଦନ ପୋଖରୀ ପରିସରରେ ନୂତନ ଭାବରେ ହନୁମାନ ମନ୍ଦିର ପ୍ରତିଷ୍ଠା ଓ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି ।ଏହି ଉତ୍ସବରେ ଶ୍ରଦ୍ଧାଳୁ ମାନେ କଳସ ଶୋଭାଯାତ୍ରାରେ ଗ୍ରାମ୍ୟ ପରିକ୍ରମା କରି ମନ୍ଦିର ପରିସରରେ ରିତିନିତୀ ଅନୁଯାଇ ସ୍ଥାପନ କରାଯାଇଥିଲା । ପରେ ଯାଜ୍ଞିକ ବ୍ରାହ୍ମଣ କାହ୍ନୁରୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ମନ୍ଦିରର ଉପଦେଷ୍ଟା ଗୌରାଙ୍ଗ ପଣ୍ଡା ଓ ସହଧର୍ମିଣୀ କମଳା ପଣ୍ଡା କର୍ତା ଭାବରେ ବସି ହୋମଯଜ୍ଞ ଆରମ୍ଭ ହୋଇଥିଲା ।ଏଥିରେ ନାମ ସଂକୀର୍ତନ ଓ ଭଜନ ପରିବେଷଣ କରାଯାଇ ଭାବମୟ ପରିବେଶ ସୃଷ୍ଟି ହୋଇଥିଲା ।ବେଗୁନିଆ ବିଧାୟକ ତଥା ଯୋଜନା ବୋର୍ଡ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ପହଂଚି ଉତ୍ସାହିତ କରିଥିଲେ ।

## ଓଡିଶୀ ସଂକୀର୍ତନ ବାୟକଙ୍କ ପରଲୋକ



ଖୋର୍ଦ୍ଧା,(ପିଏନ): ବାଙ୍କୀ ଉପଖଣ୍ଡ ବୈଦେଶ୍ୱର ଥାନା ପୁଇଁଚା ପଂଚାୟତ ଅନ୍ତର୍ଗତ ପଣ୍ଡାଳମ ଗ୍ରାମର ଓଡିଶୀ ସଂକୀର୍ତନ ବାୟକ କାଶୀନାଥ ପଣ୍ଡା(୮୮)ବର୍ଷରେ ହୃଦଘାତରେ ପରଲୋକ ଘଟି ଯାଇଛି । ସେ ଜଣେ ଗ୍ରାମ ରାମଲୀଳା କମିଟିର ପରିଚାଳକ,ଓଡିଶୀ ସଂକୀର୍ତନ ବାୟକ ଓ ସ୍ଥାନୀୟ ଅଂଚଳରେ ଅଭିଜ୍ଞ ସୂପକାର ଭାବରେ ଜଣାଶୁଣା ଥିଲେ । ତାଙ୍କ ଶବାଧାରକୁ ଗ୍ରାମ୍ୟ ପରିକ୍ରମା କରାଯାଇ ଶ୍ମଶାନରେ ବଡ ନାତି ମନୋରଞ୍ଜନ ପଣ୍ଡା ମୁଖାଗ୍ନି ଦେବା ପରେ ଅନ୍ତ୍ୟେଷ୍ଟିକ୍ରିୟା ସମାପନ ହୋଇଥିଲା । ପଣ୍ଡିତ ନୃସିଂହ ଚରଣ ଦାଶ,ଶିକ୍ଷାବିତ ଲୋକନାଥ ପଣ୍ଡା, ଗଣେଶ୍ୱର ପଣ୍ଡା,କବି ଗଙ୍ଗାଧର ଓଝା,ସଂକୀର୍ତନ ଗାୟକ ଶ୍ରୀ ନିବାସ ପାଣିଗ୍ରାହୀ, ବାୟକ ଶତ୍ରୁଘନ ପଣ୍ଡା, ପାଲା ଧୁଡୁକି ଗାୟକ ରମେଶ ଚନ୍ଦ୍ର ମହାପାତ୍ର ଓ ଗାୟକ ମିହିର ଆଚାର୍ଯ୍ୟଙ୍କ ସମେତ ବହୁ ସଂକୀର୍ତନ ପ୍ରେମୀ ଶୋକ ପ୍ରକାଶ କରିଛନ୍ତି ।

## ରାଜ୍ୟପାଳଙ୍କ ଦ୍ୱାରା 'ଫେମିନିଜିମ୍ ଓ ଅନ୍ୟାନ୍ୟ ପ୍ରସଙ୍ଗ' ଉନ୍ମୋଚିତ

ଭୁବନେଶ୍ୱର, (ପି.ଏନ): ଯୁବ ଲେଖିକା ଶ୍ରୀମତୀ ପ୍ରୀତିଛନ୍ଦା ଧଳଙ୍କ ଫିଚର୍ ସଂକଳନ ' ଫେମିନିଜିମ୍ ଓ ଅନ୍ୟାନ୍ୟ ପ୍ରସଙ୍ଗ'କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଆଜି ଉନ୍ମୋଚନ କରିଛନ୍ତି। ଲେଖିକାଙ୍କର ଏହା ପ୍ରଥମ ପୁସ୍ତକ ହୋଇଥିବାରୁ ରାଜ୍ୟପାଳ ଆନନ୍ଦ ପ୍ରକାଶ କରିବା ସହିତ ଅଧିକ ଲେଖିବା ପାଇଁ ପ୍ରେରଣା ଯୋଗାଇଥିଲେ। ଲେଖିକା ଓଡ଼ିଶାର ମହିଳା ଓ ଶିଶୁମାନଙ୍କ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରୁଥିବା ଜାଣି ରାଜ୍ୟପାଳ ସନ୍ତୋଷ ପ୍ରକାଶ କରିଥିଲେ। ରାଜଭବନ ପରିସରରେ ନିରାଡ଼ମ୍ବର ଭାବେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲେଖିକା ଶ୍ରୀମତୀ ଧଳଙ୍କ ସହିତ ତାଙ୍କ ସ୍ୱାମୀ ସିଦ୍ଧାର୍ଥ ଧଳ. ପୁଅ ଶିବମ ଧଳ ଏବଂ ମାଆ ନମିତା ପଟନାୟକଙ୍କ ସହିତ ବିଶିଷ୍ଟ କବି ରକ୍ଷକ ନାୟକ ଉପସ୍ଥିତ ଥିଲେ।

## ଓଡ଼ିଶାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ବଦ୍ଧ ପରିକର : ଅମର ଶତପଥୀ




ଚଣ୍ଡିଖୋଲ,(ପି.ଏନ୍): ଯାଜପୁର ଜିଲାର ଚଣ୍ଡିଖୋଲ ଠାରେ ଦୀର୍ଘ ୩୦ ବର୍ଷ ହେଲା ଆକସ୍ମିକ ଦୁର୍ଘଟଣା ଜନିତ ସ୍ୱାସ୍ଥ୍ୟକେନ୍ଦ୍ର ଭଡ଼ା ଘରେ ଚାଲୁଥିଲା। ବଡ଼ଚଣା ବିଧାୟକ ଶ୍ରୀଯୁକ୍ତ ଅମର ପ୍ରସାଦ ଶତପଥୀଙ୍କ ଉଦ୍ୟମ କ୍ରମେ ଆଜି ଚଣ୍ଡିଖୋଲ ଠାରେ ତାର ନିଜସ୍ୱ ଗୃହ ପାଇଁ ଶୁଭ ଭିତି ପ୍ରସ୍ତର ସ୍ଥାପନ କରାଯାଇଅଛି। ବିଧାୟକଙ୍କ ନିଜସ୍ୱ ହାତପାଣ୍ଠିରୁ ୧୦ ଲକ୍ଷ ଟଙ୍କା ବରାଦରେ ଆଜି ଏହାର ଭିତି ପ୍ରସ୍ତର ସ୍ଥାପନ ବିଧାୟକ ଅମର ପ୍ରସାଦ ଶତପଥୀ କର କମଳରେ ନଡ଼ିଆ ବାଡ଼େଇ ଶୁଭ ସ୍ଥାପନ କରିଥିଲେ। ଏଥିରେ ଚଣ୍ଡିଖୋଲ ଦୁର୍ଘଟଣା ଜନିତ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର କିଶୋର ଚନ୍ଦ୍ର ବେହେରା, ସ୍ୱାସ୍ଥ୍ୟ ଅଧିକାରୀ ସଂଯୁକ୍ତା ଧଳ ଓ ସୁଙ୍ଗୁଡ଼ା ଗ୍ରାମ ପଂଚାୟତ ସରପଂଚ ଚାଚାଲିନ୍ ସ୍ୱାଇଁ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହାପରେ ବିଧାୟକ ଶ୍ରୀ ଶତପଥୀଙ୍କୁ ସୁଙ୍ଗୁଡ଼ା ପଂଚାୟତ ବିଜେଡ଼ି ଦଳ ପକ୍ଷରୁ ଏକ ବିରାଟ ମୋଟର ସାଇକେଲ ଶୋଭାଯାତ୍ରାରେ ନିଆଯାଇ ପଂଚାୟତ ପକ୍ଷରୁ ନିର୍ମାଣ କରାଯାଇଥିଲା ୭ ଗୋଟି ନୂତନ ଦୋକାନ ଗୃହ ଓ ମିଶନ ଶକ୍ତି ଗୃହକୁ ବିଧାୟକ ଶ୍ରୀ ଶତପଥୀ ଉଦଘାଟନ କରିଥିଲେ। ପରେ ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲଙ୍କ ସଭାପତିତ୍ୱରେ ଏକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ଶ୍ରୀ ଶତପଥୀ ଯୋଗ ଦେଇ ରାଜ୍ୟର ନବୀନ ପଟ୍ଟନାୟକ ସରକାର ସମସ୍ତ ଗ୍ରାମ ପଂଚାୟତର ଗ୍ରାମ, ସହର ଓ ମହିଳାମାନଙ୍କ ସ୍ୱାଭାବଲମ୍ବୀ ପାଇଁ ସ୍ୱୟଂ ସହାୟିକା ଗୋଷ୍ଠୀ ଓ ମିଶନ ଶକ୍ତି ଭଳି ଦୃଢ଼ ସଂଗଠନ କରାଇ ମହିଳାମାନଙ୍କୁ ନିଜସ୍ୱ ଗୋଡ଼ରେ ଛିଡ଼ା ହେବା ପାଇଁ ସମର୍ଥ କର୍ତ୍ତା ସୁବିଧା ଯୋଗାଇ ଦେଇଛନ୍ତି। ଚଣ୍ଡିଖୋଲ ୩ ଗୋଟି ଜାତୀୟ ରାଜପଥର ସଂଯୋଗ ସ୍ଥଳୀ ଏଠାରେ ଦୈନଦିନ ଦୁର୍ଘଟଣାମାନ ଘଟୁଛି ଏଣୁ ଏହି ସ୍ଥାନରେ ଏକ ଦୁର୍ଘଟଣା ଜନିତ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ପାଇଁ ଦୀର୍ଘଦିନର ଦାବୀ ଆଜି ପୂରଣ ହେବାକୁ ଯାଉଛି। ଏହାର ସ୍ଥାୟୀ ଘର ପାଇଁ ଆଜି ଭିତି ପ୍ରସ୍ତର ସ୍ଥାପନ କରାଯାଇ ଅଛି। ଏହାକୁ ତୁରନ୍ତ ପୂର୍ଣ୍ଣାଙ୍ଗ କରିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯିବ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶା ରାଜ୍ୟର ସାଢ଼େ ୪ କୋଟି ଲୋକଙ୍କ ବିକାଶ ପାଇଁ ଯେଉଁ କାର୍ଯ୍ୟକ୍ରମ ଜାରୀ ରଖିଛନ୍ତି। ଏନେଇ ସେ ଆଜି ଭାରତ ବର୍ଷର ଏକ ନମ୍ବର ମୁଖ୍ୟମନ୍ତ୍ରୀ ହୋଇଛନ୍ତି ବୋଲି ବିଧାୟକ ଶ୍ରୀ ଶତପଥୀ ପ୍ରକାଶ କରିଛନ୍ତି। ଏଥିରେ ବଡ଼ଚଣା ପଂଚାୟତ ସମିମି ଅଧକ୍ଷ ଭାଗ୍ୟଧର ମଲିକ୍, ବଡ଼ଚଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଜିତ୍ ନାରାୟଣ ପ୍ରସାଦ ଗିରି, ସିଡ଼ିପିଓ ଭଗବତୀ ଗୁରୁ, ଜିଲା ପରିଷଦ ସଭ୍ୟା ସୁମତି ବାସ୍କେ, ଆତ୍ମାର ଅଧକ୍ଷ ନିରଞ୍ଜନ ସେନାପତି, ବଡ଼ଚଣା ମିଶନ ଶକ୍ତିର ଅଧକ୍ଷା କିଚିନା ମହାପାତ୍ର, ଯୁବନେତା ଗଣେଶ୍ୱର ବରାଳ, ଛାତ୍ରନେତା ଯଚିନ୍ଦ୍ର ନାୟକ, ସରପଂଚ ଚାଚାଲିନ୍ ସ୍ୱାଇଁ, ଆଶିଷ ରଂଜନ ଚୌଧୁରୀ, ପୂର୍ବତନ ସରପଂଚ ରାଜ କିଶୋର ସ୍ୱାଇଁ, ସଂଜୟ ସ୍ୱାଇଁ, ଶ୍ରମିକ ନେତା ଜଗନ୍ନାଥ ମୁଦୁଲି ପ୍ରମୁଖ ଅତିଥି ଭାବେ ଯୋଗଦେଇ ନବୀନ ପଟ୍ଟନାୟକ ସରକାର ଓ ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ଦୃଢ଼ ମନୋବଳ ଯୋଗୁଁ ଆଜି ବଡ଼ଚଣାରେ ବହୁ ଉନ୍ନତ ମାନର କାର୍ଯ୍ୟକ୍ରମ ହୋଇଚାଲିଛି। ଚଣ୍ଡିଖୋଲ ତଥା ସୁଙ୍ଗୁଡ଼ା ପଂଚାୟତର ଯାହା ଉନ୍ନତି ହୋଇଛି ତାହା କଳ୍ପନାରେ ସୁଧା ଭାବି ହେବ ନାହିଁ। ଏହି କାର୍ଯ୍ୟକ୍ରମରେ ମହିଳା ସ୍ୱୟଂ ସହାୟିକା ଓ ଜୀବିକା ମିଶନ ପକ୍ଷରୁ କେତକୀ ଖିଲାର, ଅନୁସୂୟା ରାଉତ, ସଂଘମିତ୍ରା ସାହୁ, ତପସ୍ୱିନୀ ରାଉତ, କଳ୍ପନା ବାରିକ୍, ନିଶାତ୍ ପରୱିନ୍, ଭାଗ୍ୟଲକ୍ଷ୍ମୀ ମାହାଲା, ମୁକ୍ତାର ବେଗମ୍ ପ୍ରମୁଖ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସ୍ୱାଗତ କରିଥିଲେ। ବିଧାୟକଙ୍କୁ ମୋଟର ସାଇକେଲ ଶୋଭାଯାତ୍ରାରେ ପଂଚାୟତର ଯୁବନେତା ଜିତେନ୍ଦ୍ର ସ୍ୱାଇଁ, ବିଭାଷ ଚନ୍ଦ୍ର ବିଶ୍ୱାଳ, ଲିପ୍ତିକାନ୍ତ ମାହାଲା, ଅକାତ୍ ଆକବର, ପ୍ରମୋଦ ସେନାପତି, ପ୍ରକାଶ ରାଉତ, ବୈକୁଣ୍ଠ ସାହୁ, ପ୍ରଫୁଲ୍ଲ ଜେନା, ପଦ୍ମଲାଭ ଜେନା, ଦୀନବନ୍ଧୁ ନାୟକ, ଅରୁଣ ନାୟକ ପ୍ରମୁଖ ପାଛୋଟି ଆଣିଥିଲେ। ସଭାରେ ପ୍ରାକ୍ତନ ସରପଂଚ ରାଜ କିଶୋର ସ୍ୱାଇଁଙ୍କୁ ବିଧାୟକ ଅମର ପ୍ରସାଦ ଶତପଥୀ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ଏମ.ବି.କେ. ସୋନାଲି ନାଥଙ୍କୁ ବ୍ଲକ୍ ଓ ଜିଲାରେ ଭଲ କାର୍ଯ୍ୟକ୍ରମ ପାଇଁ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ। ପଂଚାୟତର ୭ ଜଣ ହିତାଧିକାରୀଙ୍କୁ ନୂତନ ଭତା ବିଧାୟକ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଂଚାୟତର ସଂରପଚ ଚାଚାଲିନ୍ ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ନାଏବ ସରପଂଚ ଗୋଲାମ୍ ଆରିଫ୍ ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୁବନେତା ପ୍ରିୟବ୍ରତ ଖିଲାର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray